ବିଦ୍ୟାଳୟ ନେତୃତ୍ୱ

# ଉନ୍ମୁକ୍ତିକରଣ : ପ୍ରାରମ୍ଭିକ ବିଦ୍ୟାଳୟର ନେତୃତ୍ୱ ଏକ ସାମର୍ଥ୍ୟକାରୀ

# Orientation : the elementary school leader as enabler





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଦିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ବିଦ୍ୟାଳୟ ନେତୃତ୍ୱ 01
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

# ଏହି ଏକକରେ କ'ଣ ଅଛି

ବର୍ତ୍ତମାନ ଭାରତର ଶିକ୍ଷାନୀତିରେ ଅନେକ ପରିବର୍ତ୍ତନ ହୋଇଛି କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ବର୍ତ୍ତମାନ ବିଦ୍ୟାଳୟଠୁ ଅନେକ ଆଶା କରାଯାଉଛି । ଏହି ଉଚ୍ଚାକାଂକ୍ଷା ରଖାଯାଉଛି ଯେ ବିଦ୍ୟାଳୟଗୁଡ଼ିକ ସ୍ୱୟଂଚାଳିତ ହେବା ଉଚିତ୍ । ସେମାନଙ୍କର ଗୋଷ୍ଠୀ ପାଖରେ ପ୍ରତିକ୍ରିୟା ପ୍ରକାଶ କରିବା ଉଚିତ ଅଟେ । ଏହି ଉଚ୍ଚକାଂକ୍ଷା ବିଦ୍ୟାଳୟଠୁ ଆଶା କରାଯାଉଛି । ବିଦ୍ୟାଳୟର ମୁଖ୍ୟମାନେ ସେମାନଙ୍କ ବିଦ୍ୟାଳୟ ପାଇଁ ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷଣର ଅଧିକତ୍ୱର ଦାୟିତ୍ୱ ନେବା ଉଚିତ (ତ୍ୟାଗୀ, ୨୦୧୧)।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷାର ମୁକ୍ତ ଶୈକ୍ଷିକ ସମ୍ବଳର ଲକ୍ଷ୍ୟ ହେଉଛି ବିଦ୍ୟାଳୟର ମୁଖ୍ୟମାନଙ୍କୁ ସହାୟତା ପ୍ରଦାନ କରିବା । ବିଦ୍ୟାଳୟର ମୁଖ୍ୟମାନଙ୍କୁ ବିଦ୍ୟାଳୟଗୁଡ଼ିକରେ ସକ୍ରିୟ ଶିକ୍ଷାର୍ଥୀ ଓ କ୍ରିୟାଶୀଳ ଶିକ୍ଷକ ସହ ଏକ ଗତିଶୀଳ ଶିକ୍ଷଣ ପରିବେଶ ସୃଷ୍ଟି କରିବାକୁ ସମର୍ଥ କରେଇବା । ଟେସ୍-ଇଣ୍ଡିଆ ସମ୍ବଳ ସେମାନଙ୍କୁ ଏହି କାମ କରିବା ପାଇଁ ସମର୍ଥ କରାଇବ । ଯେଉଁଠାରେ ଗତିଶୀଳ ଶିକ୍ଷଣ ପରିବେଶ ନାହିଁ, ସେଠାରେ ଏଭଳି ପରିବେଶ ତିଆରି କରିବାକୁ ହେଲେ ଅନେକ ଆହ୍ୱାନମୂଳକ କାର୍ଯ୍ୟଗ୍ରହଣ କରାଯାଇପାରେ ଯଦିଓ ବିଦ୍ୟାଳୟ ମୁଖ୍ୟଙ୍କ ପାଖରେ ଅଧିକ କର୍ତ୍ତୃତ୍ୱ ବିଦ୍ୟାଳୟ ଭିତରେ ଥାଏ । ଏହି ଏକକରେ ବିଦ୍ୟାଳୟର ମୁଖ୍ୟମାନେ ଜଣେ ଲେଖାଏଁ ସମର୍ଥକାରୀ ଅଟନ୍ତି । ସେମାନଙ୍କର ଭୂମିକାକୁ ବ୍ୟବହାର କରି କେହି ଜଣେ ବ୍ୟକ୍ତି ବିଦ୍ୟାଳୟରେ କିଛି ପରିବର୍ତ୍ତନ କରିପାରନ୍ତି । ଟେସ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳଗୁଡ଼ିକ ଆପଣଙ୍କ ଭୂମିକାକୁ ସହାୟତା ଯୋଗାଇବା ପାଇଁ ଏକ ହତିଆର ଭାବେ କାମ କରିପାରିବ ।

ଏହି ଏକକର ଲକ୍ଷ୍ୟ ହେଉଛି, ଆପଣଙ୍କ ପରିଚିତ କରାହେବ ଯେ ଟେସ୍ ଇଣ୍ଡିଆର ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକୁ ନିଜର ବ୍ୟକ୍ତିଗତ ବିକାଶ ପାଇଁ କିପରି ବ୍ୟବହାର କରିବେ । ଏହି ସମ୍ବଳଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ଯେ ଶିକ୍ଷଣ ଏକ ନିରନ୍ତର ଜୀବନବ୍ୟାପି ପ୍ରକ୍ରିୟା ଅଟେ । ତେଣୁ ଶିକ୍ଷକମାନେ ଫଳପ୍ରଦଭାବେ ସେମାନଙ୍କ ବିଦ୍ୟାଳୟର ମୁଖ୍ୟ ମଧ୍ୟ ଶିକ୍ଷାର୍ଥୀ ହେବା ଆବଶ୍ୟକ ।

## ଶିକ୍ଷଣ ଡ଼ାଏରୀ

ଏହି ଏକକରେ, କାର୍ଯ୍ୟ କରିବା ସମୟରେ ଆପଣ କୌଣସି ପୁସ୍ତକ କିମ୍ବା ଅନ୍ୟ ଯେକୌଣସି ସ୍ଥାନରୁ ସଂଗ୍ରହ କରିଥିବା ଆପଣଙ୍କର ଚିନ୍ତାଧାରା ଓ ଯୋଜନାକୁ ଆପଣଙ୍କ ଶିକ୍ଷକ ପୁସ୍ତିକାରେ ଗୋଟିଏ ସ୍ଥାନରେ ଲିପିବଦ୍ଧ କରି ରଖନ୍ତୁ। ବୋଧହୁଏ, ଆପଣ ଏହି କାର୍ଯ୍ୟ ଆଗରୁ ଆରମ୍ଭ କରିସାରିଥିବେ।

ହୁଏତ ଆପଣ ଏହି କାର୍ଯ୍ୟଟିକୁ ଏକା କରୁଛନ୍ତି, ମାତ୍ର ଆପଣଙ୍କର ଶିକ୍ଷାର ଅଭିବୃଦ୍ଧି ସେତେବେଳେ ଘଟିବ ଯେତେବେଳେ ଆପଣଙ୍କ ଆପଣଙ୍କର ଶିକ୍ଷଣ ପରିସ୍ଥିତି କିମ୍ବା ଉପଲବ୍ଧ ଶିକ୍ଷାକୁ ଅନ୍ୟ ବିଦ୍ୟାଳୟର ମୁଖ୍ୟଙ୍କ ସହିତ ଆଲୋଚନା କରିବେ। ସେହି ବିଦ୍ୟାଳୟର ମୁଖ୍ୟ ଆପଣଙ୍କର ଜଣେ ପୁରୁଣା ସହକର୍ମୀ ହୋଇପାରନ୍ତି କିମ୍ବା ନୂତନ ଭାବେ ସମ୍ପର୍କିତ ସହକର୍ମୀ ହୋଇପାରନ୍ତି। ଏହାକୁ ସଂଗଠିତ ଉପାୟରେ ବା ଅଣଆନୁଷ୍ଠାନିକ ଭାବରେ କରାଯାଇପାରେ। ଏହି ଧରଣର ସଭା ପାଇଁ, ପୁନଶ୍ଚ ଆପଣଙ୍କର ଦୀର୍ଘ ମିଆଦି ଶିକ୍ଷଣ ଯୋଜନା ପାଇଁ ପ୍ରତୟ ବିଶ୍ଳେଷଣ ଏବଂ ବିକାଶ ସାଧନ ପାଇଁ ଅପାଣଙ୍କର ଶିକ୍ଷଣ ପୁସ୍ତିକା ସାହାଯ୍ୟ କରିବ।

# ଏହି ଏକକରୁ ଆପଣ କ'ଣ ଶିଖିବେ

- ବିଦ୍ୟାଳୟକୁ ନେତୃତ୍ୱ ଦେଉଥିବା କୌଶଳଗୁଡ଼ିକୁ ସମୀକ୍ଷା କରିବା ଓ ଉନ୍ନତି ଅଣାଯାଇପାରିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା
- ବ୍ୟବହାର କରି ଶିକ୍ଷଣର ରାସ୍ତାଗୁଡ଼ିକର ନକ୍ସା ତିଆରି କରିବା ଯାହା ଆପଣଙ୍କର ବିଦ୍ୟାଳୟ ନେତୃତ୍ୱ କୌଶଳର ଅଭିବୃଦ୍ଧି ହେବ ।
- ଆପଣଙ୍କ ବିଦ୍ୟାଳରେ ପଢ଼ିବା ବା ପାଇଁ ନେତୃତ୍ୱ ନେବାର ଆବଶ୍ୟକତା

# ୧ ଭାରତର ବିଦ୍ୟାଳୟ ମୁଖ୍ୟଙ୍କ ସ୍ଥିତ

ଭାରତର ଶିକ୍ଷା ଅଧିକାର ଅଧିନିୟମ ୨୦୦୯ରେ ବିଦ୍ୟାଳୟମାନଙ୍କୁ ସ୍ୱୟଂଭାବେ ପରିଚାଳିତ ହେବାର ଅଧିକାର ଦେଇଛି, ଯାହା ଅତୀତରେ ମିଳି ନଥିଲା । ଦେଖାଯାଇଛି ଯେ ଅନ୍ୟାନ୍ୟ ଦେଶରେ ବିଦ୍ୟାଳୟର ମୁଖ୍ୟମାନେ ପାଣ୍ଠିର ଦାୟିତ୍ୱ ନେଇଥାନ୍ତି ଏବଂ ସେମାନେ ଶିକ୍ଷକମାନଙ୍କୁ ନିଯୁକ୍ତ କରିଥାନ୍ତି ଓ ତା' ସହିତ ପାଠ୍ୟକ୍ରମ ନିର୍ଦ୍ଧାରଣ କରିବାରେ ସମର୍ଥ ଅଟନ୍ତି। ଏହି ପରିବର୍ତ୍ତନ ମାଧ୍ୟମରେ ଅଧିକ ଦାୟିତ୍ୱ ଏବଂ ଅଧିକ ସ୍ୱାଧୀନତା ମିଳିଛି ଏବଂ ଆଶା କରାଯାଏ ଯେ ବିଦ୍ୟାଳୟର ମୁଖ୍ୟମାନେ ଜିଲ୍ଲା ଶିକ୍ଷା ଅଧିକାରୀ ବା ଅନ୍ୟ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା ନ କରି ବିଦ୍ୟାଳୟର ଉନ୍ନତି ପାଇଁ ନିଜେ କାମ କରିବେ । ଭାରତରେ ଜାତୀୟ ଯୋଜନା ଏବଂ ପ୍ରଶାସନିକ ବିଶ୍ୱ ବିଦ୍ୟାଳୟର ଜାତୀୟ ବିଦ୍ୟାଳୟ ନେତୃତ୍ୱ ପରିଷଦ ଏହି ପରିବର୍ତ୍ତନଗୁଡ଼ିକ ଆଣିବା ପାଇଁ ସହାୟତା ଯୋଗାଇ ଦେବ।

ମୁକ୍ତ ଶୈକ୍ଷିକ ସମ୍ବଳ ଭିତରୁ ଆପଣଙ୍କର ବୃତ୍ତିଗତ ଶିକ୍ଷଣର ଆବଶ୍ୟକତାକୁ ମେଣ୍ଟାଉଥିବା ଏକକକୁ ବାଛନ୍ତୁ । ଏହି ଏକକଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସଜଡ଼ାଯାଇଛି ଯାହା ବିଦ୍ୟାଳୟ ନେତୃତ୍ୱ ପାଇଁ ରାଷ୍ଟ୍ରିୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ଚିହ୍ନଟ କରିଛି । କିନ୍ତୁ ସେଗୁଡ଼ିକ ମାର୍ଗ ନୁହେଁ – ଏହି ଏକକ ମାଧ୍ୟମରେ ଆପଣ ନିଜର ରାସ୍ତା ତିଆରି କରିବା ପାଇଁ ପ୍ରେରଣା ପାଇବେ । ପ୍ରତି ଏକକରେ କାର୍ଯ୍ୟବିଧି ଓ ଘଟଣା ଅଧ୍ୟୟନ ଅଛି ।

ଏଥିରୁ କେତେକ କାମକୁ ଆପଣ ନିଜର ସହକର୍ମୀମାନଙ୍କ ସହ ମିଶି କରିବେ ଓ ଅନ୍ୟ କେତେକ କାମ ଆପଣ ନିଜେ କରିବେ । ଅଧିକ କାମର ନକ୍ସା ତିଆରି କରିବା ଅପେକ୍ଷା ଆପଣ ନିଜେ ଯେଉଁ କାମ ଯେ କୌଣସି ଭାବରେ କରିବାକୁ ଭାବୁଛନ୍ତି ବା ଯେଉଁ କାମଗୁଡ଼ିକୁ କରୁଛନ୍ତି ସେହି କାମଗୁଡ଼ିକ ଚିନ୍ତନ ଓ ଉତ୍ତମ ଭଲ ବୁଝାମଣା କରିବାରେ ସାହାଯ୍ୟ କରିବେ। ପ୍ରତି ଏକକର ସମ୍ପର୍କ ଅନ୍ୟ ଏକକ ସହିତ ଅଛି । ତଥାପି ଆପଣ ସମଗ୍ର ଏକକର କାମ ଅପେକ୍ଷା ଯେକୌଣସି ଗୋଟିଏ କାମକୁ ମଧ୍ୟ ବାଛିପାରିବେ । ଆପଣ କାମ କରିବା ବେଳେ ଯେଉଁ ଜ୍ଞାନ ଓ ଅଭିଜ୍ଞତା ପାଇଛନ୍ତି, ମୁକ୍ତ ଶୈକ୍ଷିକ ସମ୍ବଳ ସେସବୁକୁ ସମ୍ମାନ ଦିଏ ଓ ଏକାଠି ମିଶି କାମ କରିବା ପାଇଁ ପ୍ରେରଣା ଦେଇଥାଏ ।

ଏହି ଏକକର ପ୍ରାରମ୍ଭରେ ଆପଣ ବୃତ୍ତିଗତ ବିକାଶ ବାବଦରେ ଭାବିବାକୁ ଆରମ୍ଭ କରିଥିବେ, ଆପଣଙ୍କ ପାଖରେ ଥିବା ଜ୍ଞାନ ଓ କୌଶଳ ସଂପର୍କରେ ଚିନ୍ତା କରନ୍ତୁ ଓ ଜଣେ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣଙ୍କ କାର୍ଯ୍ୟଧାରାରେ କିପରି ଉନ୍ନତି ଆଣିବେ, ସେ ବିଷୟରେ ମଧ୍ୟ ଚିନ୍ତା କରନ୍ତୁ ।

ଟେସ୍‌ଇଣ୍ଡିଆ ସମସ୍ତ ଶିକ୍ଷକଙ୍କୁ ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକ ଯୋଗାଇ ଦେବ । ଏହି ସମ୍ବଳଗୁଡ଼ିକ ଶିକ୍ଷକକୁ ସାମାଜିକ ଦୃଷ୍ଟିରୁ ଦେଖେ ଯେଉଁଠାରେ ସହକର୍ମୀ ଓ ବିଦ୍ୟାଳୟ ପିଲାଙ୍କ ସହ ମିଶି କାମ କରିବା ମାଧ୍ୟମରେ ଶିକ୍ଷଣ ଘଟିଥାଏ । ବରଂ ଏହା ଆପଣଙ୍କୁ ଏବଂ ଆପଣଙ୍କର ସହଯୋଗୀଙ୍କୁ ନିଜର କାମ ଓ ଭୂମିକାରୁ ଓହରି ଯାଉଛନ୍ତି କି ସେ ସମ୍ପର୍କରେ ଚିନ୍ତା କରିବା ପାଇଁ ପ୍ରେରଣା ଯୋଗାଇଥାଏ । ଏହାର ମୂଳ ଲକ୍ଷ୍ୟ ହେଉଛି ଆପଣ ନିଜ ପରିବେଶରେ ହେଉ ବା ବିଦ୍ୟାଳୟରେ ହେଉ ବା ଶ୍ରେଣୀ କୋଠରୀରେ ହେଉ ଦେଖାଯାଉଥିବା ସମସ୍ୟାଗୁଡ଼ିକର ସମ୍ଭାବ୍ୟ ସମାଧାନ ପାଇଁ ଖୋଲା ଭାବରେ ଅନୁସନ୍ଧାନ କରିବା । (ଲେଭ୍, ୱେନ୍‌ଗର୍, ୧୯୯୧ : ବନର ୧୯୯୬, ୱେନଗର୍ ୧୯୯୮)

### ଟିକିଏ ଚିନ୍ତା କରନ୍ତୁ

ଜଣେ ବିଦ୍ୟାଳୟର ମୁଖ୍ୟ ବା ବରିଷ୍ଠ ଶିକ୍ଷକ ଭାବରେ ଆପଣ ପ୍ରଥମେ ଆରମ୍ଭ କରିଥିବା କାର୍ଯ୍ୟ ସଂପର୍କରେ ଭାବନ୍ତୁ ।

- ଜଣେ ବିଦ୍ୟାଳୟର ମୁଖ୍ୟ ଭାବରେ ଆଜିଯାଏଁ ଆପଣ କ'ଣ ସବୁ ଶିଖିଛନ୍ତି ।
- ଆପଣ କିପରି ଭାବରେ ଶିଖିଛନ୍ତି ?
- ବୃତ୍ତିଗତ ଶିକ୍ଷଣ ପାଇଁ ଆପଣଙ୍କ ପାଖରେ କ'ଣ ସବୁ ସୁଯୋଗ ଅଛି ?


## ୨ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣଙ୍କ ଶିକ୍ଷଣ ସମ୍ବନ୍ଧରେ ଭାବନ୍ତୁ

ନୂତନ ସୁଯୋଗଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବିଦ୍ୟାଳୟର ମୁଖ୍ୟମାନଙ୍କୁ ନିଜ କୌଶଳର ପରିସରକୁ ବ୍ୟାପକ କରିବାକୁ ହେବ, ଆପଣଙ୍କର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବାରୁ ଏବଂ ଜଣେ ଭଲ ଶିକ୍ଷକ ହୋଇଥିବା ହେତୁ, ଆପଣ ବିଦ୍ୟାଳୟର ମୁଖ୍ୟ ହେବାକୁ ସକ୍ଷମ ହୋଇଥାଇ ପାରନ୍ତି। ଯାହା ବି ହେଉ ଆପଣଙ୍କ ଭୂମିକା ହେଉଛି ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟକୁ ସୁପରିଚାଳନା କରିବା ଓ ଗୋଷ୍ଠୀର ଶିକ୍ଷାର୍ଥୀମାନଙ୍କ ବିଦ୍ୟାଳୟ ଯଥାସମ୍ଭବ ଶ୍ରେଷ୍ଠତର ଶିକ୍ଷା ଯୋଗେଇ ହେଉଛି, ଏହାକୁ ନିଶ୍ଚିତ କରିବା ଅଟେ, ଏହି ଏକକରେ ଆପଣମାନେ କେତେଗୁଡ଼ିଏ କୌଶଳ ଏବଂ ଦକ୍ଷତା ବିଷୟରେ ଅବଗତ ହେବେ। ଯେଉଁଗୁଡ଼ିକ ଜଣେ ଦକ୍ଷ ବିଦ୍ୟାଳୟ ମୁଖ୍ୟଙ୍କୁ ପାଖରେ ରହିବା ଆବଶ୍ୟକ। ଏହା ଆପଣଙ୍କ ନିଜ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଫଳପ୍ରଦ ହେବାରେ ସାହାଯ୍ୟ କରିବ।

### ଟିକିଏ ଚିନ୍ତା କରନ୍ତୁ

ଆପଣ ଟିକିଏ ପଛକୁ ଭାବନ୍ତୁ, ଯେତେବେଳେ ଆପଣ ବିଦ୍ୟାଳୟରେ ଥିଲେ କିମ୍ବା ଯେତେବେଳେ ନିଜର ଶିକ୍ଷକତା ବୃତ୍ତି ଆରମ୍ଭ କରିଥିଲେ, ବର୍ତ୍ତମାନ ଆଗକୁ ଦଶବର୍ଷ ପାଇଁ ଟିକିଏ ଭାବନ୍ତୁ । ଆପଣ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ସମୟ ଏବଂ ଭବିଷ୍ୟତର ଦଶବର୍ଷ ସମୟ ମଧ୍ୟରେ ବିଦ୍ୟାଳୟରେ କେଉଁ ମୁଖ୍ୟ ପରିବର୍ତ୍ତନଗୁଡ଼ିକ ଦେଖିବେ ବୋଲି ଭାବୁଛନ୍ତି ?

### ଶିକ୍ଷଣକାର୍ଯ୍ୟ ୧ ଜଣେ ମୁଖ୍ୟ ଭାବେ ଆପଣଙ୍କର ବୃତ୍ତିଗତ ବିକାଶ।



ଚିତ୍ର ୧ : ଜଣେ ମୁଖ୍ୟଭାବେ ବୃତ୍ତିଗତ ବିକାଶ ବିଷୟରେ ଚିନ୍ତା କରନ୍ତୁ।

୧. ଆପଣଙ୍କ ଦୈନନ୍ଦିନ କାର୍ଯ୍ୟପୁସ୍ତିକାକୁ ବ୍ୟବହାର କରି ସେଥିରେ ଆପଣ ପାଞ୍ଚଟି ଶବ୍ଦ ଲେଖନ୍ତୁ ଯେଉଁ ଲକ୍ଷଣଗୁଡ଼ିକ ଦେଖି ଆପଣ କହିବେ ଯେ ଆପଣ ଜଣେ ମୁଖ୍ୟ।

୨. ସେମାନେ କ'ଣ ଆପଣଙ୍କୁ ପସନ୍ଦ କରନ୍ତି ? ସେମାନେ କ'ଣ ଆପଣଙ୍କ ପଦବୀ ବ୍ୟତୀତ ଆପଣଙ୍କ ଜ୍ଞାନ ଓ ଦକ୍ଷତାଗୁଡ଼ିକୁ ସମ୍ମାନ ପ୍ରଦର୍ଶନ କରନ୍ତି ? ପ୍ରକୃତ ଅବସ୍ଥା ଏୟା ବୋଲି ଆପଣ କାହିଁକି ଭାବୁଛନ୍ତି। ଉଦାହରଣ ସ୍ୱରୂପ, ସେମାନେ ଆପଣଙ୍କୁ ଏଭଳି ଜଣେ ବ୍ୟକ୍ତି ଭାବେ ଦେଖନ୍ତି କି ? ଯିଏ ନୂଆ ନୂଆ ଉପାୟକୁ ପ୍ରୟୋଗ କରିବାକୁ ଚେଷ୍ଟା କରନ୍ତି ସେଗୁଡ଼ିକର ପ୍ରଭାବ ସମ୍ବନ୍ଧରେ ଚିନ୍ତା କରନ୍ତୁ।

୩. ନିଜେ ଲେଖିଥିବା ପ୍ରଶ୍ନ ୧ ଓ ୨ ର ଉତ୍ତର ବିଷୟରେ ଚିନ୍ତା କରନ୍ତୁ। ଜଣେ ମୁଖ୍ୟ ଭାବେ ଆପଣଙ୍କ ବୃତ୍ତିଗତ ବିକାଶର ରାସ୍ତାରେ କେଉଁଗୁଡ଼ିକୁ ଆପଣ ମୁଖ୍ୟ ବାଧା ରୂପେ ଦେଖୁଛନ୍ତି ?

## ଆଲୋଚନା

ଆପଣଙ୍କ ମତାମତ ଗୁଡ଼ିକ ଆପଣଙ୍କ ପାଇଁ ବ୍ୟକ୍ତିଗତ ଓ ପରିସ୍ଥିତି ସାପେକ୍ଷ ହେବା ଆବଶ୍ୟକ । ଏତଦ୍ ବ୍ୟତୀତ ତିନୋଟି ଭିନ୍ନ ଭିନ୍ନ ପ୍ରକାରର ଦଳପତି / ଦଳମୁଖ୍ୟଙ୍କ ବିଷୟରେ ଆଲୋଚନା ଆପଣଙ୍କୁ ନିଜେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ବିଷୟରେ ଅଧିକ ଅନୁଶୀଳନ କରିବାରେ ସାହାଯ୍ୟ କରିପାରେ ।

- ପ୍ରଥମ ପ୍ରକାରର ଏପରି ଜଣେ ବ୍ୟକ୍ତି ଯାହାଙ୍କ ପାଖରେ ବହୁ ବର୍ଷ ଧରି ବିଦ୍ୟାଳୟକୁ ନେତୃତ୍ୱ ଦେବାରେ ଅଭିଜ୍ଞତା ରହିଛି । ଏହାର କାରଣ ଏହା ମଧ୍ୟ ହୋଇପାରେ ଯେ ସେମାନେ ଆତ୍ମବିଶ୍ୱାସୀ ଓ ନିଜର କାର୍ଯ୍ୟ ଉପରେ ସଂପୂର୍ଣ୍ଣ କର୍ତ୍ତୃତ୍ୱ ଥିବା ଭଳି ପ୍ରତୀୟମାନ ହୋଇପାରନ୍ତି ସେମାନେ ବୃତ୍ତିଗତ ବିକାଶକୁ ଏକାନ୍ତ ବ୍ୟକ୍ତିଗତ ଓ ଲୁକ୍କାୟିତ କାର୍ଯ୍ୟ ବୋଲି ମନେ କରନ୍ତି ।
- ଦ୍ୱିତୀୟ ପ୍ରକାରର ଏପରି ଜଣେ ବ୍ୟକ୍ତି, ଯିଏ ତୁଳନାତ୍ମକ ଭାବେ ଅଧିକ ଯୁବଶ୍ରେଣୀୟ, ମାତ୍ର ନିଜର ବ୍ୟକ୍ତିଗତ ବିକାଶର କ୍ଷେତ୍ରଗୁଡ଼ିକ ଉନ୍ମୁକ୍ତ ହୋଇଗଲେ ସେ ଅନ୍ୟମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ହରାଇ ବସିବା ନେଇ ସନ୍ଦିହାନ ଥାଆନ୍ତି । ସେମାନେ ଅବଗତ ଥାଇପାରନ୍ତି ଯେ ଅନ୍ୟ ଅଭିଜ୍ଞ ଶିକ୍ଷକମାନଙ୍କ ତୁଳନାରେ ସେମାନଙ୍କ ଶ୍ରେଣୀଗୃହ ଅଭିଜ୍ଞତା କମ୍ । ମାତ୍ର ଏହି ନେତୃତ୍ୱ ଦକ୍ଷତା ମଡ଼େଲ୍‌ରେ ସେମାନେ ନିଜର ଉତ୍ସାହ, ଦୂରଦୃଷ୍ଟି ଏବଂ ଅତ୍ୟାଧୁନିକ ଧାରଣା ଗୁଡ଼ିକ ବିଷୟରେ ନିଜର ବୋଧଶକ୍ତିଙ୍କୁ ଆୟୁଧ କରି ବହୁକିଛି କରିବାର ସମ୍ଭାବନା ରଖନ୍ତୁ ତା ସହିତ ଅନ୍ୟ ଶିକ୍ଷକମାନଙ୍କ ଅଭିଜ୍ଞତାକୁ ସମ୍ମାନ ଦିଅନ୍ତୁ।
- ସର୍ବଶେଷରେ ଏପରି କିଛି ଦଳେମୁଖ୍ୟ ଥାଇପାରନ୍ତି ଯେଉଁମାନେ ନିଜର କାର୍ଯ୍ୟଶୈଳୀକୁ ଉନ୍ନତ କରିବା ପାଇଁ ଇଚ୍ଛୁକ ଏବଂ ଏହାକୁ ସ୍ୱଚ୍ଛ ଭାବରେ ଅନ୍ୟମାନଙ୍କ ସମ୍ମୁଖରେ କରିବା ପାଇଁ ଆଗ୍ରହୀ, ମାତ୍ର ସେମାନଙ୍କ ପାଖରେ ଏପରି କାର୍ଯ୍ୟ ପାଇଁ ଯଥେଷ୍ଟ ସମୟ ନଥାଏ। ଏମିତି ଦଳେମୁଖ୍ୟ ଅଛନ୍ତି ଯେଉଁମାନେ ଅବଚେତନ ଭାବରେ ବୃତ୍ତିଗତ ବିକାଶ ମନୋବୃତ୍ତିର ଉଦାହରଣ ଅଟନ୍ତି ଓ ସେମାନେ ବିଦ୍ୟାଳୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି ।

ସାରଣୀ-୧ରେ ଏଗୁଡ଼ିକ ଭାରତୀୟ ପରିସ୍ଥିତିରେ କିପରି ପ୍ରୟୋଗ କରାଯାଇପାରିବ ସେ ସଂପର୍କରେ କିଛି ପରାମର୍ଶ ପ୍ରଦାନ କରାଯାଇଛି। ଆପଣମାନେ ଶିକ୍ଷଣକାର୍ଯ୍ୟ-୩ରେ ଏହାକୁ ପୁନଃ ବିଶ୍ଳେଷଣ କରିବେ ।

***ସାରଣୀ ୧ :*** *ଜଣେ ଉତ୍ତମ ନେତାର ଗୁଣାବଳୀ (ଗାର୍ଡ଼ନର (Gardner) ୧୯୯୭ଙ୍କଠୁ ଗ୍ରହଣ କରାଯାଇଛି)*

| ଜଣେ ଉତ୍ତମ ନେତାର ଗୁଣାବଳୀ | ଆପଣଙ୍କ ପରିସ୍ଥିତିରେ ଏହାର ଅର୍ଥ କ'ଣ ହୋଇପାରେ |
|---|---|
| କର୍ତ୍ତୃପକ୍ଷଙ୍କ ସହ ମୁକାବିଲା କରିବା | ଆପଣ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟାନ୍ୟ ଶିକ୍ଷା ସଂପର୍କିତ ବ୍ୟବସ୍ଥା ଯଥା ଆଞ୍ଚଳିକ ସାଧନ କେନ୍ଦ୍ର, ବ୍ଲକ୍ ସାଧନ କେନ୍ଦ୍ର, ପଞ୍ଚାୟତ ଓ ବିଦ୍ୟାଳୟ ପରିଚାଳନା କମିଟି ସହ କାମ କରିବାର ଆବଶ୍ୟକତା ପଡ଼ିପାରେ । ଏମାନେ ବହୁତ ସମ୍ବଳ ଯୋଗାଇଥାନ୍ତି ଓ ଦେଶର ବିଭିନ୍ନ ପ୍ରାନ୍ତରେ ଶିକ୍ଷକମାନଙ୍କୁ ନିଯୁକ୍ତି ଓ ଅନ୍ୟତ୍ର ପଢ଼ାଇବା ପାଇଁ ପଠାଇବାର ଦାୟିତ୍ୱ ନେଇଥାନ୍ତି ତେଣୁ ଅନୁଷ୍ଠାନ ଓ କର୍ମଚାରୀମାନଙ୍କ ସହ ସତର୍କତାର ସହ ସଂପର୍କ ସ୍ଥାପନ କରି କାମଗୁଡ଼ିକୁ ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ମୁକାବିଲା କରିବା ସର୍ବଶ୍ରେଷ୍ଠ ପନ୍ଥା ନୁହେଁ, ଆପଣ ନେଉଥିବା ପଦକ୍ଷେପଗୁଡ଼ିକ ହୁଏତ ଅତୀତ ପଦକ୍ଷେପ ଭଳି ସମାନ ହୋଇ ନ ପାରେ କିନ୍ତୁ ଯଦି ଭାବୁଛନ୍ତି ସେ ତାହା ଆପଣଙ୍କ ବିଦ୍ୟାଳୟକୁ ସାହାଯ୍ୟ କରିବ ତା ହେଲେ ଆପଣ ଭିନ୍ନ ଭାବରେ କାମଟିକୁ କରିବା ପାଇଁ ଭୟ କରିବେ ନାହିଁ । |
| ବିପଦ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହେବେ | ଆମ ସଂସ୍କୃତିରେ ଏଭଳି କରିବା ଭାରି କଷ୍ଟକର, କାରଣ ଭାରତରେ ପଦାନୁକ୍ରମର ବ୍ୟବସ୍ଥା ଅଛି। ତେଣୁ ଲୋକମାନେ କୌଣସି ପଦକ୍ଷେପ ନେବା ପୂର୍ବରୁ ବରିଷ୍ଠ ଲୋକମାନଙ୍କର ଅନୁମତିର ଆବଶ୍ୟକତାକୁ ଅନୁଭବ କରନ୍ତି । ଯେତେବେଳେ ଯାଏଁ ଆପଣଙ୍କ ଜିଲ୍ଲାର ଅଗ୍ରାଧିକାର ଓ ବିଦ୍ୟାଳୟ ବିକାଶ ଯୋଜନା ସଂପର୍କରେ ସଚେତନ ଅଛନ୍ତି ଆପଣଙ୍କ ପାଖରେ ଯଥେଷ୍ଟ ଭାବରେ ଯୁକ୍ତିଯୁକ୍ତ କାରଣ ଅଛି ଯେ ଆପଣ |

| | |
|---|---|
| | କାହିଁକି ନିର୍ଦ୍ଦିଷ୍ଟ ପରିବର୍ତ୍ତନଟିକୁ ଚାହୁଁଛନ୍ତି ତାହା ହେଲେ ଆପଣ ଚାହୁଁଥିବା ଉନ୍ନତିକୁ ହାସଲ କରିବା ପାଇଁ ବିଦ୍ୟାଳୟରେ ଦେଖାଯାଉଥିବା ବିପଦଗୁଡ଼ିକୁ ସମ୍ମୁଖୀନ ହେବା ଉଚିତ୍। |
| ଅସଫଳତାର ସମ୍ମୁଖରେ ନମନୀୟତା | ଆପଣ କରିଥିବା ଭୂଲ ବା ଭଲ ନ ହୋଇ କିଛି ଖରାପ ହୋଇଗଲେ ତାକୁ ଗ୍ରହଣ କରିବା ଭାରୀ କଷ୍ଟ । ସବୁବେଳେ ସବୁ କଥା ଯୋଜନା ମୁତାବକ ହୁଏ ନାହିଁ । ଏହାକୁ ଶିକ୍ଷଣର ଏକ ସୁଯୋଗ ବୋଲି ଭାବିବା ଉଚିତ୍ । ଆପଣ ନିଶ୍ଚିତ ହୁଅନ୍ତୁ ଯେ ଯୋଜନା ମୁତାବକ କାମଗୁଡ଼ିକ କାହିଁକି ହେଲା ନାହିଁ, ତା'ର କାରଣଗୁଡ଼ିକୁ ଚିହ୍ନଟ କରନ୍ତୁ, କିନ୍ତୁ ଆପଣ କାମଗୁଡ଼ିକ ଏକ ଭିନ୍ନ ଢ଼ଙ୍ଗରେ କରିପାରିଥାନ୍ତେ ଏ କଥା ସ୍ୱୀକାର କରିବା ପାଇଁ ଭୟ କରନ୍ତୁ ନାହିଁ । |
| ଆଚରଣ ଓ ଅର୍ନ୍ତଜ୍ଞାନ ପ୍ରତି ବିଶ୍ୱାସ | ଆପଣ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକଭାବରେ କାମ କରି ହୁଏତ ଅନେକ ଅଭିଜ୍ଞତା ହାସଲ କରିଥିବେ, ଏହି ଅଭିଜ୍ଞତାକୁ ଆଧାର ଓ ବ୍ୟବହାର କରି ଆପଣ ବିଦ୍ୟାଳୟର ନେତୃତ୍ୱ ନେବା ପାଇଁ ସମର୍ଥ ହେବେ । ବିଦ୍ୟାଳୟଗୁଡ଼ିକୁ ସ୍ୱଂଚାଳିତ କରିବା ଅର୍ଥ ହେଉଛି । ଆପଣ ସୃଜନଶୀଳ ହେବା ପାଇଁ ଅଧିକ ସ୍ୱାଧୀନତା ପାଇବେ ଓ ନୂଆନୂଆ କାମ କରିବାକୁ ଚେଷ୍ଟା କରିବେ । |
| ମସ୍ତିଷ୍କରେ ବୃହତ୍ତର ଛବି ଧରି ରଖିବା ପାଇଁ ସମର୍ଥ ହେବା | ଏହା ସମସ୍ତ ନେତାଙ୍କ ପାଖରେ ପ୍ରୟୋଗ କରାଯାଇପାରେ । ଆପଣଙ୍କ ଭୂମିକା ହେଉଛି, ନିଜ ବିଦ୍ୟାଳୟ ପାଇଁ ସ୍ୱଷ୍ଟ ଓ ବୁଝିହେଲା ଭଳି ପରିକଳ୍ପନା ପ୍ରସ୍ତୁତ କରିବା । ପରିକଳ୍ପନା ସହିତ ସମସ୍ତ କାର୍ଯ୍ୟ ଓ ପଦକ୍ଷେପ ଗୁଡ଼ିକର ସମ୍ପର୍କ ରହିବା ଉଚିତ । ବିଦ୍ୟାଳୟ ନେତୃତର ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକ ମଧ୍ୟରୁ ଗୋଟିକରେ ଆପଣ କିପରି ଅନ୍ୟମାନଙ୍କ ସହ ମିଶି ବିଦ୍ୟାଳୟ ପାଇଁ କିପରି ଭାବରେ ପରିକଳ୍ପନା କରିବେ ସେ ବାବଦରେ ପରାମର୍ଶ ଦିଆଯାଇଛି । ଏହା ଆପଣଙ୍କୁ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତିରେ ସାହାଯ୍ୟ କରିବ। ଆପଣ ଏହି କାମକୁ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟମାନଙ୍କ ସହ ମିଶି କରିପାରିବେ । |
| ନୈତିକ ପ୍ରତିଶ୍ରୁତି | ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫, ଜାତୀୟ ପାଠ୍ୟକ୍ରମ ଶିକ୍ଷକ ଶିକ୍ଷା ପାଇଁ ୨୦୦୯ ଓ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ପାରମ୍ପରିକ ବିଶ୍ୱାସକୁ ଆହ୍ୱାନ କରିଥାଏ । ଏହି ଦଲିଲରେ ସରକାର ଚାହୁଁଥିବା ପ୍ରତ୍ୟାଶାଗୁଡ଼ିକୁ ପାଇବା ପାଇଁ ହେଲେ ଆପଣ ନୀତିନିୟମକୁ ବୁଝିବାରେ ଆବଶ୍ୟକତା ଅଛି । ଆପଣଙ୍କ ବିଦ୍ୟାଳୟର ସ୍ଥାନୀୟ ପରିବେଶରେ ଓ ନିଜ ବିଦ୍ୟାଳୟରେ ଏହି ମୂଲ୍ୟବୋଧ ଓ ବିଶ୍ୱାସଗୁଡ଼ିକୁ ଆଦର୍ଶ ରୂପେ ପ୍ରତିଫଳିତ କରିପାରିବେ । |
| ସମୟ ଜ୍ଞାନ ସହ ପଛକୁ ଫେରିବାର ସାମର୍ଥ୍ୟ ଓ ଅଭିଜ୍ଞତାରୁ ଶିଖିବା | ଆପଣ ଯେତେବେଳେ ନିଜ ବିଦ୍ୟାଳୟକୁ ମୂଲ୍ୟାୟନ କରିବା ଆରମ୍ଭ କରିବେ, ଦେଖିବେ ଯେ ଆପଣ ଚାହିଁଥିବା ଅନେକଗୁଡ଼ିଏ ପରିବର୍ତ୍ତନ ହୋଇଛି । ଏହି ପରିବର୍ତ୍ତନଗୁଡ଼ିକୁ ଯଥା ସମ୍ଭବ ଚିହ୍ନଟ କରିପାରିବେ । ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଆପଣ କିଛି ବି ଚେଷ୍ଟା ନକରି ଅତିଶୀଘ୍ର ଗୁଡ଼ାଏ ପରିବର୍ତ୍ତନ ହେବା ସମ୍ଭବ ନୁହେଁ । ସେଥିପାଇଁ ଆପଣ ଅଗ୍ରାଧିକାର ଭିତ୍ତିରେ ସଜାଡ଼ିବେ ଓ ସମସ୍ତ ଶିକ୍ଷକଙ୍କୁ ସାଙ୍ଗରେ ଧରି ଧୀରେ ଧୀରେ ଆଗକୁ ଗତି କରିବେ । |
| ଜଣେ ଉତ୍ତମ ନେତାର ଗୁଣାବଳୀ | ଆପଣଙ୍କ ପରିସ୍ଥିତିରେ ଏହାର ଅର୍ଥ କ'ଣ ହୋଇପାରେ |
| କର୍ତ୍ତୃପକ୍ଷଙ୍କ ସହ ମୁକାବିଲା କରିବା | ଆପଣ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟାନ୍ୟ ଶିକ୍ଷା ସଂପର୍କିତ ବ୍ୟବସ୍ଥା ଯଥା ଆଞ୍ଚଳିକ ସାଧନ କେନ୍ଦ୍ର, ବ୍ଲକ୍ ସାଧନ କେନ୍ଦ୍ର, ପଞ୍ଚାୟତ ଓ ବିଦ୍ୟାଳୟ ପରିଚାଳନା କମିଟି ସହ କାମ କରିବାର ଆବଶ୍ୟକତା ପଡ଼ିପାରେ । ଏମାନେ ବହୁତ ସମ୍ବଳ ଯୋଗାଇଥାନ୍ତି ଓ ଦେଶର ବିଭିନ୍ନ ପ୍ରାନ୍ତରେ ଶିକ୍ଷକମାନଙ୍କୁ ନିଯୁକ୍ତି ଓ ଅନ୍ୟତ୍ର ପଢ଼ାଇବା ପାଇଁ ପଠାଇବାର ଦାୟିତ୍ୱ ନେଇଥାନ୍ତି ତେଣୁ ଅନୁଷ୍ଠାନ ଓ କର୍ମଚାରୀମାନଙ୍କ ସହ ସତର୍କତାର ସହ |

| | |
|---|---|
| | ସଂପର୍କ ସ୍ଥାପନ କରି କାମଗୁଡ଼ିକୁ ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ମୁକାବିଲା କରିବା ସର୍ବଶ୍ରେଷ୍ଠ ପନ୍ଥା ନୁହେଁ, ଆପଣ ନେଉଥିବା ପଦକ୍ଷେପଗୁଡ଼ିକ ହୁଏତ ଅତୀତ ପଦକ୍ଷେପ ଭଳି ସମାନ ହୋଇ ନ ପାରେ କିନ୍ତୁ ଯଦି ଭାବୁଛନ୍ତି ସେ ତାହା ଆପଣଙ୍କ ବିଦ୍ୟାଳୟକୁ ସାହାଯ୍ୟ କରିବ ତା ହେଲେ ଆପଣ ଭିନ୍ନ ଭାବରେ କାମଟିକୁ କରିବା ପାଇଁ ଭୟ କରିବେ ନାହିଁ। |
| ବିପଦ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହେବେ | ଆମ ସଂସ୍କୃତିରେ ଏଭଳି କରିବା ଭାରି କଷ୍ଟକର, କାରଣ ଭାରତରେ ପଦାନୁକ୍ରମର ବ୍ୟବସ୍ଥା ଅଛି। ତେଣୁ ଲୋକମାନେ କୌଣସି ପଦକ୍ଷେପ ନେବା ପୂର୍ବରୁ ବରିଷ୍ଠ ଲୋକମାନଙ୍କର ଅନୁମତିର ଆବଶ୍ୟକତାକୁ ଅନୁଭବ କରନ୍ତି । ଯେତେବେଳେ ଯାଏଁ ଆପଣଙ୍କ ଜିଲ୍ଲାର ଅଗ୍ରାଧିକାର ଓ ବିଦ୍ୟାଳୟ ବିକାଶ ଯୋଜନା ସଂପର୍କରେ ସଚେତନ ଅଛନ୍ତି ଆପଣଙ୍କ ପାଖରେ ଯଥେଷ୍ଟ ଭାବରେ ଯୁକ୍ତିଯୁକ୍ତ କାରଣ ଅଛି ଯେ ଆପଣ କାହିଁକି ନିର୍ଦ୍ଦିଷ୍ଟ ପରିବର୍ତ୍ତନଟିକୁ ଚାହୁଁଛନ୍ତି ତାହା ହେଲେ ଆପଣ ଚାହୁଁଥିବା ଉନ୍ନତିକୁ ହାସଲ କରିବା ପାଇଁ ବିଦ୍ୟାଳୟରେ ଦେଖାଯାଉଥିବା ବିପଦଗୁଡ଼ିକୁ ସମ୍ମୁଖୀନ ହେବା ଉଚିତ୍। |

## ପରିସ୍ଥିତି ଅଧ୍ୟୟନ ୧ : ଶ୍ରୀମତି ଅପରାଜିତା ଶିକ୍ଷଣ ସଂପର୍କରେ ତଦନ୍ତ

ଅପରାଜିତା ମହାଶୟା ଗ୍ରାମାଞ୍ଚଳରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅଟନ୍ତି । ସେହି ଅଞ୍ଚଳର ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କୁ ଅଧିକ ଆଶାବାଦୀ ନହେବା ପାଇଁ ପରାମର୍ଶ ଦେଇଥାନ୍ତି, କାରଣ ସେ ଅଞ୍ଚଳର ଶିକ୍ଷାର୍ଥୀମାନେ ଗ୍ରାମାଞ୍ଚଳର ପିଲା ହୋଇଥିବାରୁ ପାଠପଢ଼ା ସେମାନଙ୍କ ପାଇଁ କଷ୍ଟ ସାଧ୍ୟ ବ୍ୟାପାର । ଯେତେବେଳେ ସେ ବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ କଲେ ସେତେବେଳେ ବିଦ୍ୟାଳୟର ଉପସ୍ଥାନରେ ପିଲାଙ୍କ ସଂଖ୍ୟା ୬୯ ଥିଲା ।

ପ୍ରଥମ ଦିବସରେ ମୋର କାର୍ଯ୍ୟ ଆରମ୍ଭକୁ ନେଇ ମୁଁ ଖୁବ୍ ଉତ୍ସାହିତ ଥିଲି, କିନ୍ତୁ ଖେଳପଡ଼ିଆରେ ମାତ୍ର ୪୫ ଜଣ ଶିକ୍ଷାର୍ଥୀଙ୍କୁ ଏକତ୍ରିତ ହେବାର ଦେଖି ମୁଁ ନିରାଶ ହେଲି । ମୋର ସହକାରୀ ଶିକ୍ଷକ କହିଲେ ଏହି ସଂଖ୍ୟା ତ ଖୁବ୍ ଭଲ, କାରଣ ସାଧାରଣ ଭାବେ ବିଦ୍ୟାଳୟକୁ ୩୦ ଜଣ ଶିକ୍ଷାର୍ଥୀ ଆସନ୍ତି। କିନ୍ତୁ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଦେଖିବା ପାଇଁ ଆଜି ଏତେ ମାତ୍ରାରେ ଶିକ୍ଷାର୍ଥୀ ଆସିଛନ୍ତି। କିନ୍ତୁ ବିଦ୍ୟାଳୟର ନୂତନ ପ୍ରଧାନଶିକ୍ଷୟତ୍ରୀଙ୍କୁ ଦେଖିବା ପାଇଁ ଆଜି ଏତେ ମାତ୍ରାରେ ଶିକ୍ଷାର୍ଥୀ ଏକତ୍ରିତ ହୋଇଛନ୍ତି। ସେ ଠିକ୍ କଥା କହୁଥିଲେ କାରଣ ଏହାର ପରବର୍ତ୍ତୀ ଦିନ ବିଦ୍ୟାଳୟକୁ ମାତ୍ର ୩୨ ଜଣ ଶିକ୍ଷାର୍ଥୀ ଆସିଥିଲେ ଶିକ୍ଷାର୍ଥୀମାନଙ୍କ ସଂଖ୍ୟା ଥିବା ମାତ୍ର ୩୨ ଏବଂ ସେମାନଙ୍କ ମଧ୍ୟରୁ କିଛି ଶିକ୍ଷାର୍ଥୀ ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟରୁ ଚାଲିଯାଇଥିଲେ।

ବିଦ୍ୟାଳୟ କାର୍ଯ୍ୟର ପରିସମାପ୍ତି ପରେ ଗାଁ ଭିତରକୁ ମୁଁ ପାଦରେ ଚାଲି ଚାଲି ବୁଲିବାକୁ ଗଲି ଏବଂ ଖେଳପଡ଼ିଆ, ଦୋକାନ ଓ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ପିଲାମାନଙ୍କର ସଂଖ୍ୟାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ବାଇସାଇକେଲ୍ ଟାୟାର୍ ର ଛିଦ୍ର ଠିକ୍ କରୁଥିବା ପାଖାପାଖି ୯ ବର୍ଷର ଜଣେ ପିଲା ସହ ମୁଁ କଥାବାର୍ତ୍ତା ଆରମ୍ଭ କଲି । ମୁଁ ତାକୁ ପଚାରିଲି ସେ କାହିଁକି ବିଦ୍ୟାଳୟକୁ ଆସୁନାହିଁ। ସେ ମୋତେ ଗର୍ବର ସହ କହିଲା ଯେ ସେ ଦୈନିକ ସାଇକେଲ୍ ଟାୟାର୍‌ର ଛିଦ୍ର ଠିକ୍ କରି ୧୦୦ ଟଙ୍କା ରୋଜଗାର କରେ, ତେଣୁ ସେ ବିଦ୍ୟାଳୟ ଯିବାରେ କୌଣସି ଆବଶ୍ୟକତା ଅନୁଭବ କରେ ନାହିଁ । ବିଦ୍ୟାଳୟରେ ଶିଖା ଯାଉଥିବା କାର୍ଯ୍ୟ ତା'ର କାର୍ଯ୍ୟ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ମୁଁ ଅନ୍ୟ କିଛି ଅଭିଭାବକମାନଙ୍କ ସହ କଥାହେଲି ଏବଂ ଠିକ୍ ସେହି ପ୍ରକାରର ମନୋବୃତ୍ତି ଦେଖିବାକୁ ପାଇଲି । ଅଧିକାଂଶ ପିଲା ବିଦ୍ୟାଳୟ ଯିବାକୁ ଅନାକର୍ଷଣୀୟ ଏବଂ ଅନାବଶ୍ୟକ ବୋଲି ଅନୁଭବ କରନ୍ତି ଏବଂ ସେମାନଙ୍କ ପରିବାର ମଧ୍ୟ ସେମାନେ କାମକୁ ଯିବାର ଆବଶ୍ୟକତାକୁ ଅନୁଭବ କରନ୍ତି ।

ମୁଁ ନିଷ୍ପତ୍ତି ନେଲି ଯେ ଏ ଦିଗରେ ମୁଁ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ତେଣୁ ମୁଁ ବିଦ୍ୟାଳୟର କାର୍ଯ୍ୟ ନିର୍ଘଣ୍ଟରେ ପରିବର୍ତ୍ତନ କଲି । ପ୍ରାର୍ଥନା ସଭା ପରେ ଗୋଟିଏ ଏବଂ ମଧ୍ୟାହ୍ନ ଭୋଜନ ପରେ ଗୋଟିଏ, ଏହିପରି ଦୁଇଟି କାର୍ଯ୍ୟ ଭିତ୍ତିକ ଶ୍ରେଣୀକୁ

ଜଣାଇଲି । ସେହି ଶ୍ରେଣୀଗୁଡ଼ିକରେ ଆମ୍ଭେମାନେ ଶିକ୍ଷାର୍ଥୀଙ୍କୁ ଦୈନନ୍ଦୀନ ଜୀବନର କୌଶଳ, କଳା ଓ ହସ୍ତଶିଳ୍ପ କାରିଗରୀ ବିଷୟରେ ଶିକ୍ଷା ପ୍ରଦାନ କଲୁ ତତ୍‌ପରେ ସେମାନେ ତିଆରି କରିଥିବା ସାମଗ୍ରୀଗୁଡ଼ିକର ପ୍ରଦର୍ଶନୀ କଲୁ । ଏହି କଥାଟିର ପ୍ରଚାର ହେଲା ଏବଂ ଧୀରେ ଧୀରେ ଶିକ୍ଷାର୍ଥୀମାନେ ବିଦ୍ୟାଳୟକୁ ଆକୃଷ୍ଟ ହୋଇ ଆସିବା ଆରମ୍ଭ କଲେ । ସେମାନଙ୍କର ଧୂଳି ଧୂସରିତ ଚେହେରା ଦେଖି ମୁଁ ନିରାଶ ଅନୁଭବ କଲି । ମୁଁ ପୁଣିଥରେ ଗାଁକୁ ବୁଲିବାକୁ ଗଲି ଏବଂ କିଛି ବୁଝାଇଲି ଯେ- “ଆମ୍ଭେମାନେ ଦୈନିକ କାର୍ଯ୍ୟକୁ ପ୍ରାର୍ଥନା ସଭାରୁ ଆରମ୍ଭ କରୁ, ତେଣୁ ଭଗବାନ ପିଲାମାନେ ଅପରିଷ୍କାର ଦେଖାଗଲେ ଭଗବାନ ନିରାଶ ହେବେ ଏବଂ ଏହା ଏକ ଅସମ୍ମାନ ଜନକ କାର୍ଯ୍ୟ ଅଟେ। ମୁଁ ମଧ୍ୟ ପ୍ରତିଦିନ ସବୁଠାରୁ ପରିଷ୍କାର ପରିଛନ୍ନ ଥିବା ଶିକ୍ଷାର୍ଥୀଙ୍କୁ ‘ଦିବସର ପୁତ୍ର’ ଓ ‘ଦିବସର କନ୍ୟା’ ବୋଲି ଘୋଷଣା କରେ ।”

କାର୍ଯ୍ୟଭିତ୍ତିକ ଶ୍ରେଣୀରେ ମୁଁ ଶିକ୍ଷାର୍ଥୀମାନଙ୍କୁ ତାଙ୍କ ମନପସନ୍ଦର କାର୍ଯ୍ୟ କରିବା ପାଇଁ ସ୍ୱାଧିନତା ଦିଏ । ଏହା ସତ୍ତ୍ୱେ ମଧ୍ୟ କିଛି ଶିକ୍ଷାର୍ଥୀ ପଢ଼ିବାକୁ ଓ ଲେଖିବାକୁ ପସନ୍ଦ କରନ୍ତି ଏବଂ ମୁଁ ସେମାନଙ୍କୁ ଯେ କୌଣସି ଜିନିଷ ଉପରେ ଲେଖିବାକୁ ଉତ୍ସାହିତ କରେ । କଦଳୀପତ୍ରରେ ଲେଖିବାକୁ, ଖୁବ୍ ପସନ୍ଦ କଲେ। ମୁଁ ସେମାନଙ୍କୁ ଶବ୍ଦ ଖେଳ ଖେଳିବାକୁ ଏବଂ କାଦୁଅ ଉପରେ ବାଡ଼ି ସାହାଯ୍ୟରେ ପରସ୍ପର ସଂଖ୍ୟା ଲେଖି ଯୋଗ କ୍ରିୟା ସଂପାଦନ କରିବାକୁ ଉତ୍ସାହିତ କରେ । ମୁଁ ସେମାନଙ୍କୁ କଦଳୀପତ୍ର ଉପରେ ହେଉ ବା ସେମାନେ ପାଉଥିବା ଯେକୌଣସି ବସ୍ତୁ ଉପରେ ଗୃହକାର୍ଯ୍ୟ କରି ଆଣିବାକୁ ସ୍ୱାଧିନତା ଦିଏ ।

ମୁଁ ବର୍ତ୍ତମାନ ବିଦ୍ୟାଳୟରେ ଚାରିବର୍ଷ ଧରି କାର୍ଯ୍ୟ କରି ଆସୁଅଛି ଏବଂ ଅନେକ ଗୁଡ଼ିଏ ପରିବର୍ତ୍ତନ ମଧ୍ୟ କରିଛି । ବର୍ତ୍ତମାନ ବିଦ୍ୟାଳୟ ଉପସ୍ଥାନରେ ଶିକ୍ଷାର୍ଥୀ ସଂଖ୍ୟା ୨୫୭ ଏବଂ ପ୍ରତିଦିନର ଉପସ୍ଥାନ ପ୍ରାୟ ୨୪୦ । ସେମାନେ ନିଜର ବେଶଭୂଷାକୁ ନେଇ ଖୁବ୍ ଗର୍ବ ଅନୁଭବ କରି ଏବଂ ବିଦ୍ୟାଳୟକୁ ଆସନ୍ତି ଶିଖିବା ପାଇଁ ପ୍ରସ୍ତୁତ ଥାନ୍ତି । ମୁଁ ଏହା ଦେଖାଇଦେବାକୁ ସକ୍ଷମ ହୋଇଛି ଯେ: – “ଯଦି ତୁମେ ଥରେ ଶିକ୍ଷାର୍ଥୀମାନଙ୍କ ମନରେ ପ୍ରେରଣା ସୃଷ୍ଟି କରିଦେବ, ତେବେ ପ୍ରତ୍ୟେକ ଶିକ୍ଷାର୍ଥୀ ଶିଖିବାକୁ ସମର୍ଥ ହେବେ ।”

ଶିକ୍ଷାର୍ଥୀଙ୍କ ପରିବାର ସହ ସୁସମ୍ପର୍କ ସୃଷ୍ଟି କରିବାର ଗୁରୁତ୍ୱ ରହିଛି । କିନ୍ତୁ ମୁଁ ଭାବୁଛି ଶିକ୍ଷାର୍ଥୀଙ୍କୁ ଅଧିକ ଆଗ୍ରହାନିତ କରିବା ପାଇଁ ପାଠ୍ୟକ୍ରମର ପରିବର୍ତ୍ତନ ହିଁ ସର୍ବାଧିକ ଭିନ୍ନତା ଆଣିଲା, ଯଦିଓ ପଠନ ଓ ଲିଖନ ପାଇଁ କମ୍ ସମୟ ବିନିଯୋଗ କରାଗଲା। କିନ୍ତୁ ମୁଁ ଭାବୁଛି ଏହା ସେମାନଙ୍କୁ ବିଦ୍ୟାଳୟକୁ ଆସିବା ଏବଂ ଦିନସାରା ସେଠାରେ ରହିବା ପାଇଁ ପ୍ରୋତ୍ସାହନ ଯୋଗାଏ ଯେତେବେଳେ ସେମାନେ ଧୀରେ ଧୀରେ ପ୍ରଗତି କରନ୍ତି, ସେମାନେ ଦେଖନ୍ତି ଯେ ପଢ଼ିବା, ଲେଖିବା ଏବଂ ସଂଖ୍ୟା କୌତୁହଳଜନକ ଓ ସେମାନଙ୍କ ଜୀବନରେ ତାର ପ୍ରାସଙ୍ଗିକତାକୁ ଅନୁଭବ କରନ୍ତି।

## ଶିକ୍ଷଣକାର୍ଯ୍ୟ ୨ : ନେତୃତ୍ୱ ନେବା ଗୁଣାବଳୀର ଚିହ୍ନଟ

ସାରଣୀ – ୧କୁ ଆଉଥରେ ପଢ଼ନ୍ତୁ ଯେଉଁଥିରେ ଜଣେ ଭଲ ନେତୃତ୍ୱ ନେଉଥିବା ବ୍ୟକ୍ତିର ଗୁଣ ଗୁଡ଼ିକୁ ତାଲିକା ହୋଇଛି।

ଜଣେ ବନ୍ଧୁ ବା ସହକର୍ମୀଙ୍କ ସହ ଘଟଣା ଅଧ୍ୟୟନ ୧ କୁ ବିଶ୍ଳେଷଣ କରନ୍ତୁ ଏବଂ ଅପରାଜିତା ମହାଶୟା ପ୍ରଦର୍ଶନ କରିଥିବା ଗୁଣଗୁଡ଼ିକୁ ଉଦାହରଣ ସହ ଚିହ୍ନଟ କରନ୍ତୁ । ଏଗୁଡ଼ିକୁ ନିଜର ଶିକ୍ଷଣ ଡାଏରୀ ରେ ଲେଖନ୍ତୁ କିମ୍ବା ପେନ୍‌ସିଲ ବା ରଙ୍ଗୀନ୍ ପେନ୍ ବ୍ୟବହାର କରି ମୁଖ୍ୟ ଶବ୍ଦଗୁଡ଼ିକ ତଳେ ଗାର ଦିଅନ୍ତୁ ।

### ଆଲୋଚନା

ବ୍ୟାପକ ପରିସରକୁ ଦୃଷ୍ଟିରେ ରଖି ଅପରାଜିତା ମହାଶୟା, ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ କାହିଁକି ନ ଥିଲେ ତାର କାରଣଗୁଡ଼ିକୁ ଖୋଜିବା ଆରମ୍ଭ କରିଥିଲେ ଏବଂ ତାଙ୍କର ବିବେକକୁ ଅନୁଜ୍ଞାନକୁ ଉପଯୋଗ କରିଥିଲେ ଶିକ୍ଷାର୍ଥୀମାନଙ୍କର ବିଦ୍ୟାଳୟରେ ଅନୁପସ୍ଥିତିକୁ ସେ ସହଜରେ ଗ୍ରହଣ କରି ନଥିଲେ ଏଥିରେ ସେ ନମନୀୟତା ଦେଖାଇନଥିଲେ। ପିତାମାତାଙ୍କ ସହ ଆଲୋଚନା, ଶିକ୍ଷାର୍ଥୀଙ୍କ ସହ କଥାବାର୍ତ୍ତା ଏବଂ ଦୈନିକ କାର୍ଯ୍ୟ ନିର୍ଘଣ୍ଟକୁ ପୁନର୍ଗଠନ କରି ସେ ସମସ୍ୟାର କାରଣ ଓ ସମାଧାନର ରାସ୍ତାଗୁଡ଼ିକୁ ଖୋଜିବା ଆରମ୍ଭ କରିଥିଲେ । ସେ ତତ୍‌କ୍ଷଣାତ ଫଳାଫଳର ଆଶା ଅପେକ୍ଷା ଧୀରେ ଧୀରେ ଶିକ୍ଷାର୍ଥୀମାନଙ୍କର ଉପସ୍ଥାନ ବୃଦ୍ଧି କରିବାକୁ

ସକ୍ଷମ ହୋଇଥିଲେ । ଶିକ୍ଷାର୍ଥୀମାନଙ୍କ ପ୍ରତି ତାଙ୍କର ଦୃଢ଼ ପ୍ରତିଶ୍ରୁତିବଦ୍ଧତା ଥିଲା କିନ୍ତୁ ଆର୍ଥିକ ପରିସ୍ଥିତି ଶିକ୍ଷାର୍ଥୀମାନଙ୍କ ଉପସ୍ଥାନ କିପରି ବାଧା ସୃଷ୍ଟିକରେ ତାହା ମଧ୍ୟ ସେ ବୁଝିଥିଲେ ।

ଶିକ୍ଷଣକାର୍ଯ୍ୟ – ୨ ସମ୍ପାଦନ କରିସାରିବା ପରେ ଆପଣମାନେ ବିଦ୍ୟାଳୟ ମୁଖ୍ୟମାନଙ୍କ ଭିଡ଼ିଓ ଦେଖିବାକୁ ଚାହିଁପାରନ୍ତି ଓ ବିଶ୍ଳେଷଣ କରନ୍ତୁ ସେମାନେ ନିଜର କଥାବାର୍ତ୍ତାରେ ଭଲ ନେତୃତ୍ୱ ନେବାର କେଉଁ ଦକ୍ଷତାଗୁଡ଼ିକ ପ୍ରଦର୍ଶନ କରୁଛନ୍ତି ।

ଭିଡ଼ିଓ : ବିଦ୍ୟାଳୟର ନେତୃତ୍ୱ

## ୩ ଆବଶ୍ୟକତା ଗୁଡ଼ିକୁ ବିଶ୍ଳେଷଣ କରି ପାରିଚାଳନା କରିବା ।

ସାରଣୀ ୧ ସୁଚାଉଅଛି ଯେ ଜଣେ ବିଦ୍ୟାଳୟ ମୁଖ୍ୟ ସଫଳ ହେବା ପାଇଁ କେବଳ ବ୍ୟକ୍ତିଗତ ଗୁଣାବଳୀ ନୁହେଁ, ବରଂ ବହୁତ ଗୁଡ଼ିଏ ଦକ୍ଷତାର ଅଧିକାରୀ ହେବା ଆବଶ୍ୟକ । ଆପଣ ସବୁ ପରିସରରେ ପ୍ରତିଭାଶଳୀ ତ ଦକ୍ଷ ହେବା ଏକ ଅସମ୍ଭବ ବ୍ୟାପାର । ଏହା ମଧ୍ୟ ମନେରଖିବା ଉଚିତ ଯେ ଆପଣଙ୍କ ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କ ଭଳି, ସ୍ୱାଭାବିକ ପ୍ରକ୍ରିୟାରେ ଆପଣଙ୍କ ଜ୍ଞାନ ଓ ଦକ୍ଷତା ଗୁଡ଼ିକର ମଧ୍ୟ ସମୟ ସହ ତାଳ ଦେଇ ପରିବର୍ତ୍ତନ ହେଉଛି, ଯାହା ଫଳରେ ନୂତନ ଆହ୍ୱାନ ଗୁଡ଼ିକର ସଫଳତାର ସହ ସମ୍ମୁଖୀନ ହୋଇ ଆପଣ ଅଧିକ ପାରଙ୍ଗମ ହେଉଛନ୍ତି ।

### ଶିକ୍ଷଣକାର୍ଯ୍ୟ ୩ : ଆବଶ୍ୟକତା ଗୁଡ଼ିକ ବିଶ୍ଳେଷଣ କରି ପରିଚାଳନା କରିବ ।

ସମ୍ବଳ ୨ ରେ ଥିବା ସାରଣୀକୁ ପୂରଣ କରନ୍ତୁ । ନେତୃତ୍ୱର ଭୂମିକାରେ ଆପଣ କେଉଁ ବିଷୟରେ କାମଗୁଡ଼ିକୁ ଭଲଭାବେ ସମ୍ପାଦନ କରିଛନ୍ତି ଓ କେଉଁ ପରିସରରେ ଆଡପନ ଉନ୍ନତି କରିବାର ଆବଶ୍ୟକତା ଅଛି ଓ କେଉଁ ପରିସରରେ ଆପଣ ଅଧିକ ଶିଖିପାରିବେ, ସେଗୁଡ଼ିକୁ ଚିହ୍ନଟ କରନ୍ତୁ ।

ପ୍ରଥମେ ଆପଣ ନିଜକୁ ନେଜେ ମୂଲ୍ୟାୟନ କରନ୍ତୁ ଯଥା "ଉଚ୍ଚ ମାତ୍ରାରେ ପାରଦର୍ଶୀ ", "ଯଥେଷ୍ଟ ମାତ୍ରାରେ ପାରଦର୍ଶୀ", ବା "କ୍ୱଚିତ୍ ପାରଦର୍ଶୀ"। ପୂର୍ବରୁ ଏବାବଦରେ ନିଶ୍ଚିତ ଜ୍ଞାନ ଥିବ କିନ୍ତୁ ସବୁବେଳେ ଆପଣ ନିଜର କୌଶଳ ଓ ସାମର୍ଥ୍ୟକୁ ବୃଦ୍ଧି କରିପାରିବେ କାରଣ ଶିକ୍ଷଣ ଏକ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ। ଏହି ସାରଣୀକୁ ପୂରଣ କଲାପରେ ଏହା ଆପଣଙ୍କର ଆବଶ୍ୟକତା ଓ ବିକାଶର ଅଗ୍ରାଧିକାରଗୁଡ଼ିକୁ ବିଶ୍ଳେଷଣ କରିବାରେ ସାହାଯ୍ୟ କରିବ। ଏହା ଦ୍ୱାରା ଆପଣ ଜଣେ ଫଳପ୍ରଦ ଓ ସାମର୍ଥ୍ୟକାରୀ ମୁଖ୍ୟ ହେବେ।

ଆପଣ ଏହି ପ୍ରକ୍ରିୟା ବାବଦରେ ଜଣେ ସହକର୍ମୀଙ୍କ ସହ ଆଲୋଚନା କରିବାକୁ ଚାହିଁପାରନ୍ତି। ଆପଣ କେଉଁ ଆବଶ୍ୟକତାଗୁଡ଼ିକୁ ଅଗ୍ରାଧୀକାର ଦେଇଛନ୍ତି ଓ ସେମାନଙ୍କର ଆବଶ୍ୟକତା ସଂପର୍କରେ ସେମାନଙ୍କ ସହ ଆଲୋଚନା କରିପାରିବେ। ଜଣେ ବିଦ୍ୟାଳୟର ମୁଖ୍ୟ ସମ୍ପୂର୍ଣ୍ଣ ଭାବେ ଏକୁଟିଆ ହୋଇପାରନ୍ତି ତେଣୁ ବନ୍ଧୁମାନଙ୍କ ବିଶ୍ୱସ୍ତ ସମ୍ପର୍କ ପାରସ୍ପରିକ ଭାବେ ହିତକର ହୋଇପାରେ। ପରିସ୍ଥିତି ଅଧ୍ୟୟନ ୨କୁ ପଢନ୍ତୁ କେମିତି ଦୁଇଟି ବିଦ୍ୟାଳୟର ମୁଖ୍ୟ ସେମାନଙ୍କର ଆବଶ୍ୟକତାଗୁଡ଼ିକୁ ଦେଖିବା ପାଇଁ ପରସ୍ପରକୁ ସାହାଯ୍ୟ କରିଥିଲେ।

## ପରିସ୍ଥିତି ଅଧ୍ୟୟନ ୨ : ଶ୍ରୀଯୁକ୍ତ ପାଢୀ ଓ ସୁଶ୍ରୀ ମହାରଣା ତାଙ୍କ ଆବଶ୍ୟକତା ସଂପର୍କରେ ଆଲୋଚନା

ନିକଟ ଅତୀତରେ ଶ୍ରୀଯୁକ୍ତ ପାଢୀ ଓ ସୁଶ୍ରୀ ମହାରଣାଙ୍କ ସାକ୍ଷାତ ଏକ ପ୍ରଶିକ୍ଷଣ ଶିବିରରେ ହୋଇଥିଲା ଏବଂ ଜାଣିବାକୁ ପାଇଲେ ଯେ ସେମାନଙ୍କର ବହୁତ ଗୁଡ଼ିଏ ଧାରଣା ଏକାପରି। ପରସ୍ପରକୁ ସହାୟତା ଯୋଗାଇବା ପାଇଁ ସେମାନେ ପ୍ରତ୍ୟେକ ମାସ ଭେଟିବାର ବ୍ୟବସ୍ଥା କଲେ। ମିଳିତ ଭାବରେ ଶିକ୍ଷଣକାର୍ଯ୍ୟ ୩ କୁ କରିବାକୁ ନିଷ୍ପତ୍ତି ନେଲେ। ପରସ୍ପର ସାହାଯ୍ୟ କରାକରି ହୋଇ ଉଦାହରଣ ଖୋଜୁଥିଲେ ଓ ପ୍ରଶ୍ନ ପଚାରାପଚରି ହେଉଥିଲେ। "ଆଦର୍ଶ ବ୍ୟବହାର" ଗୁଣାବଳୀ ସଂପର୍କରେ ହୋଇଥିବା କାଥାବାର୍ତ୍ତାକୁ ପଢନ୍ତୁ।

ମୋ ବନ୍ଧୁ ଆପଣ କିପରି ଭାବେ ନିଜର ସଂହତିକୁ ପ୍ରଦର୍ଶିତ କରିବେ ।

ମୁଁ ଭାବେ ଏହା ହେଉଛି ନିଜର ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କୁ ଏକାପରି ଆଚରଣ ପ୍ରଦର୍ଶନ କରିବା, ମୁଁ ସବୁବେଳେ ସମସ୍ତଙ୍କୁ ଉଚ୍ଚ ସମ୍ମାନସ୍ୱଦ ଆଚରଣ ପ୍ରକାଶ କରିବାକୁ ଚେଷ୍ଟା କରେ ।

ଏହି ସପ୍ତାହରେ ଘଟିଥିବା କୌଣସି ଏକ ସଂପର୍କିତ ଘଟଣାକୁ ଆପଣ ଉଦାହରଣ ସହ କହିବେ କି ?

ବର୍ତ୍ତମାନ ତୁମେ ମୋତେ ଘଟଣାର କେନ୍ଦ୍ର ଆଡ଼କୁ ନେବାକୁ ଚେଷ୍ଟା କରୁଛ, ବନ୍ଧୁ । କିନ୍ତୁ ତୁମେ ଠିକ୍ କଥା କହୁଛ, ଆମ୍ଭେ ମାନେ କଥାକୁ ନାଟକୀୟ ଶୈଳୀରେ କହିଦେଇ ପାରୁ କିନ୍ତୁ ଏହାକୁ ଆମେ କାର୍ଯ୍ୟରେ ଦେଖେଇ ପାରୁନଥାଉ ଠିକ୍ ଅଛି, ମୋତେ ଟିକେ ଭାବିବାକୁ ଦିଅନ୍ତୁ । ମୁଁ ବିଦ୍ୟାଳୟରେ ଏହା ସ୍ପଷ୍ଟ କରିଦେଇଛି ଯେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସମାନ ଭାବେ ଦେଖାଯିବ । କିନ୍ତୁ ମୁଁ ଏକ ପରିବାର ପାଖରୁ ଅଭିଯୋଗ ପାଇଲି ଯେ ଯେଉଁମାନେ ବିଶ୍ୱାସ କରୁଛନ୍ତି ଯେ ଶ୍ରେଣୀରେ ତାଙ୍କର ଦୁଇ ପୁଅଙ୍କୁ ଅଣଦେଖା କରାଯାଇଛି । ମୁଁ ଘଟଣାଟିକୁ ଅନୁଧ୍ୟାନ କଲି ଏବଂ ସେହି ଶିକ୍ଷାର୍ଥୀ ଦୁଇଜଣଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ସହ ମଧ୍ୟ ଆଲୋଚନା କଲି । ମୁଁ ଘଟଣାଟି ଉପରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଲି ଏବଂ ସେହି ପରିବାର ସହ ଆସନ୍ତା ଏକ ମାସ ମଧ୍ୟରେ ଆଉଥରେ ସାକ୍ଷାତ କରିବାକୁ ଭାବିଲି ।

ହଁ । ଏଥିରୁ ଏପରି ଲାଗୁଛି, ଯେ ଆପଣ ନିଜର ବ୍ୟକ୍ତିଗତ ସାଧୁତା / ସଚ୍ଚୋଟତାକୁ ପ୍ରଦର୍ଶନ କରିଛନ୍ତି ଏବଂ ନିଜର ମୂଲ୍ୟବୋଧକୁ ମଧ୍ୟ ସ୍ପଷ୍ଟଭାବେ ପ୍ରକାଶ କରିଛନ୍ତି । ଆଚ୍ଛା, ତେବେ କାର୍ଯ୍ୟରେ ଉତ୍ସାହ ଦେଖାଇବା ସଂପର୍କରେ ଆପଣଙ୍କ ମତାମତ କ'ଣ ? ଏହାକୁ ଆପଣ କାମ କଲାବେଳେ ଏହାକୁ ଅଧିକ ନା କମ୍ କିପରି ପ୍ରକାଶ କରନ୍ତି ?

ଦେଖନ୍ତୁ, ଯଦିଓ ଶିକ୍ଷଣକୁ ନେଇ ମୁଁ ଖୁବ ଉତ୍ସାହୀ, କିନ୍ତୁ ମୋତେ ଲାଗେ ମୁଁ କାର୍ଯ୍ୟରେ ସେହି ଉତ୍ସାହକୁ ଦେଖାଇପାରେ ନାହିଁ । ଏବେ ଦିନେ ମୁଁ ଏହା ଲକ୍ଷ୍ୟ କଲି ଯେ, ଯେତେବେଳେ ଶିକ୍ଷକମାନଙ୍କ ସହ ମୁଁ ଅଧିକ ଦଳଗତ କାର୍ଯ୍ୟ ଆରମ୍ଭ କରିବା ଉପରେ ଆଲୋଚନା କଲି, ସେତେବେଳେ ମୁଁ ସେମାନଙ୍କ ଠାରୁ ସେପରି ଭଲ ପ୍ରତିକ୍ରିୟା ପାଇଲି ନାହିଁ ।

ତୁମେ ଟେସ୍ ଇଣ୍ଡିଆର ଦଳଗତ କାର୍ଯ୍ୟ ଉପରେ ଥିବା ଭିଡ଼ିଓ ଦେଖିଛ କି ? ତୁମ ଆଲୋଚନାକୁ ଆଗକୁ ନେବା ପାଇଁ ଓ ଶିକ୍ଷକମାନଙ୍କୁ ଏହି ବିଷୟରେ ଚିନ୍ତା କରାଇବା ପାଇଁ ଏହା ଏକ ଭଲ ମାଧ୍ୟମ ।

ଏହା ଏକ ଭଲ ଯୋଜନା । ମୁଁ ମଧ୍ୟ ଭାବୁଛି କିପରି ଶିକ୍ଷକମାନଙ୍କୁ ଦଳଗତ କାର୍ଯ୍ୟ ଉପରେ ଗଠନମୂଳକ ମତାମତ ଦେଇ ସେମାନଙ୍କ କାର୍ଯ୍ୟପ୍ରତି ମୋର ଉତ୍ସାହକୁ ଦେଖାଇବି ।

ଶିକ୍ଷକଙ୍କ ବିକାଶ ମୁକ୍ତ ମୌଳିକ ସମ୍ବଳଗୁଡ଼ିକୁ ନିରୀକ୍ଷଣ କରନ୍ତୁ ଏବଂ କୁହନ୍ତୁ ଏହା ମଧ୍ୟରୁ କେଉଁଗୁଡ଼ିକୁ ତୁମେ ନିଜର ଉତ୍ସାହ ସୃଷ୍ଟିକାରୀ ଉପାଦାନ ବୋଲି ପ୍ରସ୍ତାବ ଦେବ ।

ମୁଁ ଏବେଠାରୁ ଅଧିକ ଉତ୍ସାହ ଅନୁଭବ କରୁଛି ।

## ୪ ଶିକ୍ଷଣ ଯୋଜନା ପ୍ରସ୍ତୁତ କରିବ

ଆପଣଙ୍କର ବୃତ୍ତିଗତ ବିକାଶର ଆବଶ୍ୟକତାଗୁଡ଼ିକୁ ଚିହ୍ନଟ କରି ସାରିଥିବା ହେତୁ ଆପଣ ବର୍ତ୍ତମାନ ଏହି ଆବଶ୍ୟକତାଗୁଡ଼ିକର ପରିପୂରଣ ପାଇଁ ଏକ ଶିକ୍ଷଣ ଯୋଜନା ପ୍ରସ୍ତୁତ କରିପାରିବେ। ସମ୍ବଳ-୩ରେ, ଟେସ୍ ଇଣ୍ଡିଆ ବିଦ୍ୟାଳୟ ନେତୃତ୍ୱର ମୁଖ୍ୟ ଶୈକ୍ଷିକ ସମ୍ବଳରେ ଏହାର ଏକ ତାଲିକା ପ୍ରଦାନ କରାଯାଇଛି ।

ଏହି ଏକକ ପରିସମାପ୍ତି ପରେ ଏହି ଆଲୋଚନା ଆରମ୍ଭ କରିବା ଉତ୍ତମ ହେବ – "ଶିକ୍ଷଣ – ଶିକ୍ଷାଦାନ ପ୍ରକ୍ରିୟାରେ ପରିବର୍ତ୍ତନ : ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ଓ ଶିକ୍ଷଣକୁ ଉନ୍ନତି କରିବାର ଏକ ରାସ୍ତା" ଏହା ମଧ୍ୟ ଟେସ୍ ଇଣ୍ଡିଆର ଶୈକ୍ଷିକ ପ୍ରକ୍ରିୟା ପରିଯୋଜନାର କେନ୍ଦ୍ର ଅଟେ ଏବଂ ଏହା ଆପଣଙ୍କୁ ଉପଲବ୍ଧ ସମ୍ବଳ ଗୁଡ଼ିକ ତନ୍ନ ତନ୍ନ ଭାବରେ ବୁଝିବାରେ ମଧ୍ୟ ସାହାଯ୍ୟ କରିବ । ସମସ୍ତ ସମ୍ବଳଗୁଡ଼ିକ ମୁକ୍ତ ଶୈକ୍ଷିକ ସମ୍ବଳ ଅଟନ୍ତି ଯାହାର ଅର୍ଥ ହେଲା ଏଗୁଡ଼ିକ ସଂପୂର୍ଣ୍ଣ ଭାବେ ଦେୟମୁକ୍ତ ଏବଂ ଆପଣମାନେ ଏହାର ନକଲ କରି ନିଜ ପରିସ୍ଥିତିରେ ଏହାକୁ ପ୍ରୟୋଗ କରିପାରନ୍ତି ।

### ଶିକ୍ଷଣକାର୍ଯ୍ୟ ୪ : ଟେସ୍ ଇଣ୍ଡିଆ ମୁକ୍ତ ଶୈକ୍ଷିକ ସମ୍ବଳର ସାହାଯ୍ୟରେ ଆପଣଙ୍କ ଶିକ୍ଷଣ ଯୋଜନାର ପ୍ରସ୍ତୁତି ।

ଟେସ୍ ଇଣ୍ଡିଆ ମୁକ୍ତ ଶୈକ୍ଷିକ ସମ୍ବଳକୁ ବ୍ୟବହାର କରି ଏବଂ ନିମ୍ନଲିଖିତ ସୋପାନଗୁଡ଼ିକର ଅବଲମ୍ବନରେ ନିଜ ପାଇଁ ଏକ ଶିକ୍ଷଣ ଯୋଜନା ପ୍ରସ୍ତୁତ କରନ୍ତୁ:-

୧. ମୁକ୍ତ ଶୈକ୍ଷିକ ସମ୍ବଳରେ ବିଦ୍ୟାଳୟ ନେତୃତ୍ୱ ଦକ୍ଷତା ବିଷୟରେ ଥିବା ସମ୍ବଳ-୩ର ଶୀର୍ଷ ଗୁଡ଼ିକ ଦେଖନ୍ତୁ ଏବଂ ପ୍ରତ୍ୟେକ ମୁକ୍ତ ଶୈକ୍ଷିକ ସମ୍ବଳ କେଉଁ ବିଷୟରେ କହୁଛି ଅନୁଧ୍ୟାନ କରନ୍ତୁ । ଜାଣିବାକୁ ଚେଷ୍ଟା କରନ୍ତୁ କିପରି ବିଭିନ୍ନ ଏକକ ଗୁଡ଼ିକର ସଂଗଠନ କରାଯାଇଛି । ଉଦାହରଣ ସ୍ୱରୂପ ଶିକ୍ଷକ ମାନଙ୍କର ବିକାଶ ସଂପର୍କିତ ତିନୋଟି ଏକକକୁ ସଂଗଠିତ କରାଯାଇଛି ।

୨. ତିନୋଟି ଏପରି ଏକକ ଚିହ୍ନଟ କରନ୍ତୁ ଯାହା ଉପରେ ଆପଣ ଅଧ୍ୟୟନ କରିବାକୁ ଚାହିଁବେ । ଆପଣ କେଉଁ କ୍ରମରେ ସେଗୁଡ଼ିକ ଅଧ୍ୟୟନ କରୁଛନ୍ତି ତାହାକୁ ନିଜର ଶିକ୍ଷକ ଦୈନନ୍ଦିନୀରେ ଟିପି ରଖନ୍ତୁ ।

୩. ଆପଣ ବାଛିଥିବା ପ୍ରତି ଏକକକୁ ସବିଶେଷ ବିଶ୍ଳେଷଣ କରି ନିଷ୍ପତ୍ତି ନିଅନ୍ତୁ ଯେ କେଉଁ ଏକକରେ କେତେ ପରିମାଣର ସମୟ ବିନିଯୋଗ କରିବେ ।

୪. ପ୍ରତ୍ୟେକ କାର୍ଯ୍ୟକାଳ ପାଇଁ ଏକ ଯୋଜନା ପ୍ରସ୍ତୁତ କରନ୍ତୁ । କାର୍ଯ୍ୟ-ଗୁଡ଼ିକର ପ୍ରାଥମିକତା, କରିବାକୁ ଥିବା ଯେକୌଣସି ପାଠ୍ୟ ବିଷୟର ଅବଧି ତଥା ଅନ୍ୟ ପ୍ରକଳ୍ପ କିମ୍ବା ଉଦ୍ୟମଗୁଡ଼ିକ ପ୍ରତିଥିବା ଆପଣଙ୍କ ପ୍ରତିବଦ୍ଧତାଗୁଡ଼ିକୁ ଯୋଜନା ପ୍ରସ୍ତୁତି ସମୟରେ ଆଲୋଚନା ପରିସର ମଧ୍ୟରେ ନିଅନ୍ତୁ ।

ସମ୍ବଳ-୪କୁ ବ୍ୟବହାର କରି ନିଜର ଶିକ୍ଷଣ ଯୋଜନା ଲିପିବଦ୍ଧ କରନ୍ତୁ । ଏକ ଉପଯୁକ୍ତ ସ୍ଥାନରେ ଏହାକୁ ପ୍ରଦର୍ଶନ କରାନ୍ତୁ ଏବଂ ପ୍ରତି ସପ୍ତାହରେ ଏହାକୁ ନିରୀକ୍ଷଣ କରନ୍ତୁ ।

> ପରିଶେଷରେ, କିପରି ବିଭିନ୍ନ ସମ୍ବଳ ଗୁଡ଼ିକୁ (ଯଥା ଅନ୍ ଲାଇନ୍, ଅଫ୍ ଲାଇନ୍ ପ୍ରିଣ୍ଟଆଉଟ୍) ହାସଲ କରିବେ ସେ ସଂପର୍କରେ ଚିନ୍ତା କରନ୍ତୁ ଏବଂ କାହା ସହିତ ଆପଣ ନିଜର ଶିକ୍ଷଣର ଅଭିବୃଦ୍ଧି ଓ ସଂଗଠନ ପାଇଁ ଆଲୋଚନା କରିପାରିବେ ସେ ସମ୍ପର୍କରେ ମଧ୍ୟ ଚିନ୍ତା କରନ୍ତୁ।

## ୫ ଆପଣଙ୍କ ଶିକ୍ଷଣ ଯୋଜନାରେ କ୍ରିୟାଶୀଳତା

ଆପଣ ନିଜର ଶିକ୍ଷକମାନଙ୍କୁ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଜଣେ ବିଦ୍ୟାଳୟ ମୁଖ୍ୟଙ୍କର ଗୁଣାବଳୀ ଓ ଦକ୍ଷତା ହିଁ ଏକମାତ୍ର କାରକ ଯାହା ବିଦ୍ୟାଳୟର ଶିକ୍ଷାଦାନ ଓ ଶିକ୍ଷଣରେ ପରିବର୍ତ୍ତନରେ ବହୁ ପ୍ରଭାବ ପକେଇଥାଏ। ଓହରିବା ପାଇଁ କହିବେ ଓ ନୂତନ ପଦ୍ଧତିକୁ ପରୀକ୍ଷା କରିବା ପାଇଁ ସମର୍ଥ ନ କରାଇବା ପର୍ଯ୍ୟନ୍ତ, ଶିକ୍ଷାର୍ଥୀମାନଙ୍କର ଶିକ୍ଷଣରେ କୌଣସି ପରିବର୍ତ୍ତନ ହେବନାହିଁ ।

ନିଜେ ଜୀବନ ବ୍ୟାପି ଶିକ୍ଷଣ ପାଇଁ ପ୍ରସ୍ତୁତ ହେଲେ, ନିଜର ଶିକ୍ଷକମାନଙ୍କୁ ମଧ୍ୟ ଶିକ୍ଷଣ ପାଇଁ ପ୍ରସ୍ତୁତ କରାଇ ପାରିବେ । ବିଦ୍ୟାଳୟର ସମସ୍ୟା ସମାଧାନ କରି ଏବଂ ନୂତନ ଉପାୟ ଆବିଷ୍କାର ଆପଣ ଅନ୍ୟମାନଙ୍କୁ ଏ ଦିଗରେ ପ୍ରଭାବିତ କରିପାରିବେ । ଶିକ୍ଷକମାନେ ପରିବର୍ତ୍ତିତ ହେବା ପାଇଁ ଆପଣଙ୍କ ପ୍ରେରଣାର ଆବଶ୍ୟକତା ଅନୁଭବ କରନ୍ତି । ଆପଣ ଶିକ୍ଷକମାନଙ୍କୁ ନିମ୍ନଲିଖିତ କାର୍ଯ୍ୟ ମାଧ୍ୟମରେ ସୁଯୋଗ ଏବଂ ପଥ ପ୍ରଦର୍ଶନ କରିପାରିବେ:-

- ନୂତନ ଧାରଣା ଓ ଅଭ୍ୟାସ ଗୁଡ଼ିକର ବ୍ୟବହାର ପାଇଁ ଚେଷ୍ଟା କରିବେ
- ଶିକ୍ଷକମାନଙ୍କୁ ଗଠନ ମୁଳକ ପରାମର୍ଶ କରିବେ।
- ସେମାନଙ୍କ ଶ୍ରେଣୀ କୋଠରୀର ସଫଳତା ଗୁଡ଼ିକୁ ବାଣ୍ଟିବା ଓ ଚିନ୍ତନ କରିବ।
- ଉନ୍ନତି ପାଇଁ ଭିନ୍ନ ଦିଗରେ କ'ଣ କାମ କରାଯାଇପାରିବ ତା' ଉପରେ ଆଲୋଚନା

ପରବର୍ତ୍ତୀ ପରିସ୍ଥିତି ଅଧ୍ୟୟନଟିରେ ନିଜ ଶିକ୍ଷକମାନଙ୍କୁ ଧୈର୍ଯ୍ୟର ସହ ଶୁଣିବା ଏବଂ ନେତୃତ୍ୱର ସହମତି ଭିତ୍ତିକ ଆଭିମୂଖ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଛି । ଅନ୍ୟମାନଙ୍କୁ ସକ୍ଷମ କରାଇବା ଅର୍ଥ ସେମାନଙ୍କ ସହ ମିଳିମିଶି କାମ କରିବା ଯାହା ଫଳରେ ପରସ୍ପର ସହ ଆଲୋଚନା ହୋଇପାରିବ ଏବଂ ନିଶ୍ଚିତ କରିପାରିବେ ଯେ ଆପଣ ସେମାନଙ୍କଠୁ ଶିଖିଛନ୍ତି । ତେଣୁ ଜଣେ ସାମର୍ଥ୍ୟକାରୀ ଭାବେ ଆପଣ ନିଜ ବିଦ୍ୟାଳୟର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସକ୍ରିୟ ବାତାବରଣ ଓ ଅଂଶଗ୍ରହଣ ଭିତ୍ତିକ ଶିକ୍ଷଣ ପରିବେଶ ସୃଷ୍ଟି କରିବେ।

### ପରିସ୍ଥିତି ଅଧ୍ୟୟନ ୩ : ବିଦ୍ୟାଳୟକୁ ଏକ ନୂତନ ଦୃଷ୍ଟି କୋଣରୁ ଦେଖିବା

ଏହା ଜଣେ ବିଦ୍ୟାଳୟ ମୁଖ୍ୟଙ୍କ ସହ ସାକ୍ଷାତ୍କାରର ଦସ୍ତାବିଜ୍ ଅଟେ ଯିଏ ଏଇ ନିକଟରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାଥମିକ ବିଦ୍ୟାଳୟର ମୁଖ୍ୟଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ତାଙ୍କ ବିଦ୍ୟାଳୟ ସୁନ୍ଦର ଭାବେ କାର୍ଯ୍ୟ କରୁଥିଲା ଏବଂ ସେ ବିଦ୍ୟାଳୟର ମୁଖ୍ୟ ହେବା ପରେ ଉପସ୍ଥାନ ବହୁଗୁଣରେ ବୃଦ୍ଧି ପାଇଥିଲା । ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିଜର ଉପସ୍ଥାନର ଅଭିବୃଦ୍ଧି ବିଷୟରେ ଜଣାଇବାକୁ ଖୁବ୍ ଆଗ୍ରହୀ ଥିଲେ । କିନ୍ତୁ ପରେ ଅନୁଭବ କଲେ ଯେ ନିଜ ବିଦ୍ୟାଳୟର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଧ୍ୟାନ ଦେବା ଆବଶ୍ୟକ ।

ଏହି ପ୍ରଶିକ୍ଷଣରେ ଟେସ୍ ଇଣ୍ଡିଆର ମୁକ୍ତ ଶୈକ୍ଷିକ ସମ୍ବଳର ବିଦ୍ୟାଳୟର ଅନୁଶୀଳନ ଏବଂ ଉନ୍ନତି ମୂଳକ ଯୋଜନା ପ୍ରସ୍ତୁତି ବିଷୟରେ ଆମ୍ଭେମାନେ ଅବଗତ ହେଲୁ । (ନେତୃତ୍ୱର ସ୍ଥିତ ବିଦ୍ୟାଳୟର ବ୍ୟକ୍ତିଗତ ଅନୁଶୀଳନକୁ ଆଗକୁ ନେବା ଏବଂ ନେତୃତ୍ୱର ସ୍ଥିତି ବିଦ୍ୟାଳୟ ବିକାଶ ଯୋଜନାକୁ ନେତୃତ୍ୱ ନେବା) ମୁଁ ସହକର୍ମୀ ବନ୍ଧୁମାନଙ୍କୁ ଉପସ୍ଥାନର ଅଭିବୃଦ୍ଧି ସମ୍ପର୍କରେ ଜଣେଇବା ପାଇଁ ଖୁବ୍ ଆଗ୍ରହର।

ଯେତେବେଳେ ଆମ୍ଭେମାନେ ବିଦ୍ୟାଳୟର ନିଜସ୍ୱ ସମୀକ୍ଷା ଏକକ ଉପରେ କାର୍ଯ୍ୟ କଲୁ, ମୁଁ ଖୁବ୍ ଖୁସି ଅନୁଭବ କଲି କାରଣ ମୋ ବିଦ୍ୟାଳୟର ଅନେକ ଜିନିଷ ଖୁବ୍ ସୁନ୍ଦର ଭାବେ ପରିଚାଳିତ ହେଉଥିଲା । କିନ୍ତୁ ତାପରେ ପ୍ରଶିକ୍ଷକ ଆମ୍ଭମାନଙ୍କୁ ଆମ ବିଦ୍ୟାଳୟର

ଶିକ୍ଷକମାନଙ୍କ ବିଷୟରେ ଏବଂ ସେମାନେ ବିଦ୍ୟାଳୟ ବିଷୟରେ କ'ଣ ଭାବୁଛନ୍ତି ତା ବିଷୟରେ ପ୍ରଶ୍ନ ପଚାରିଲେ। ମୋର ତିନିଜଣ ସହକର୍ମୀ ଶିକ୍ଷକ ବିଦ୍ୟାଳୟରେ ଅଛନ୍ତି, କିନ୍ତୁ ମୁଁ ଅନୁଭବ କଲି ଯେ ବିଦ୍ୟାଳୟରେ କରିଥିବା ପରିବର୍ତ୍ତନ ସଂପର୍କରେ ସେମାନେ କ'ଣ ଚିନ୍ତା କରନ୍ତି ମୁଁ ସେ ବିଷୟରେ ଅବଗତ ନୁହେଁ, କାରଣ ସେମାନଙ୍କୁ ଯାହା କରିବା ପାଇଁ କହିଛି ସେମାନେ ସେସବୁ କାର୍ଯ୍ୟ ସଂପାଦନ କରିଛନ୍ତି।

ସେମାନେ କେବେ ବି କୌଣସି ପ୍ରଶ୍ନ ପଚାରି ନାହାନ୍ତି ଆମର ବଡ଼ ଶ୍ରେଣୀଗୁଡ଼ିକ ଦ୍ୱିଗୁଣିତ କରିବାକୁ ଥିବା ହେତୁ, ବିଦ୍ୟାଳୟର ସାନ ପିଲାମାନଙ୍କ ପାଇଁ ଜଣେ ଶିକ୍ଷକ ନିହାତି ଭାବେ ଆବଶ୍ୟକ ଥିଲେ । ମଧ୍ୟାହ୍ନ ଭୋଜନ ବିରତି ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ କହିଲେ ଯେ ସେ ଏଯାଏଁ କୌଣସି ଶିକ୍ଷକଙ୍କୁ ଦେବା ପାଇଁ ଖୋଜି ପାରି ନାହାନ୍ତି। ସେ କହିଲେ ଯେ ଦୁଇଜଣ ଶିକ୍ଷକଙ୍କୁ କହିଥିଲେ କିନ୍ତୁ ସେମାନେ ସେମାନଙ୍କୁ ନ ପଠାଇବାକୁ ଅନୁରୋଧ କରିଛନ୍ତି । କାରଣ ସେମାନେ ଭାବୁଛନ୍ତି ମୋ ବିଦ୍ୟାଳୟରେ କାର୍ଯ୍ୟ କରିବା କଷ୍ଟସାଧ୍ୟ ହେବ । ପ୍ରକୃତରେ ସେ ଏହା ମଧ୍ୟ ପ୍ରକାଶ କଲେ କି ଜଣେ ଶିକ୍ଷକ ତାଙ୍କୁ ଦେଖା କରି ଅନ୍ୟ ଯେକୌଣସି ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରିଛନ୍ତି । ଏହାଶୁଣି ମୁଁ ଖୁବ୍ ଆଶ୍ଚର୍ଯ୍ୟ ଏବଂ ଚକିତ ହେଲି ।

ଯେତେବେଳେ ଆମେ ବିଦ୍ୟାଳୟ ବିକାଶ ଯୋଜନା ଉପରେ କାର୍ଯ୍ୟ କଲୁ, ମୁଁ ଅନୁଭବ କରିବା ଆରମ୍ଭ କଲି କି ମୁଁ ଜଣେ ସ୍ୱେଚ୍ଛାଚାରୀ ଭାବେ ବ୍ୟବହାର କରୁଅଛି । ମୁଁ ବିଦ୍ୟାଳୟ ଉନ୍ନତି ତଥା ପ୍ରଗତି ପାଇଁ ଅନେକ ନିଷ୍ପତ୍ତି ନେଇଛି ଓ ଅନେକ କାର୍ଯ୍ୟକାରୀ ମଧ୍ୟ କରିଛି କିନ୍ତୁ କୌଣସି ଆଲୋଚନାରେ ସେମାନଙ୍କୁ ଭାଗ ନେବାକୁ, ଚିନ୍ତାଧାର ପ୍ରକାଶ କରିବାକୁ ସୁଯୋଗ ଦେଇ ନାହିଁ । ସେମାନଙ୍କ ଅଭିଜ୍ଞତାକୁ ଗୁରୁତ୍ୱ ମଧ୍ୟ ପ୍ରଦର୍ଶନ କରିନାହିଁ । ଏଥିରେ କୌଣସି ଆଶ୍ଚର୍ଯ୍ୟ ହେବାର ନଥିଲା ଯେ ସେମାନଙ୍କ ମଧ୍ୟରେ କେତେଜଣ ଖୁବ୍ ଚାପଗ୍ରସ୍ତ ଅନୁଭବ କରୁଥିଲେ ।

ମୁଁ ଅନୁଭବ କଲି ଯେ ଯଦିଓ ଶିକ୍ଷାର୍ଥୀମାନେ ବିଦ୍ୟାଳୟ ଆସିବାକୁ ପସନ୍ଦ କରୁଛନ୍ତି, ତଥାପି ଶିକ୍ଷକମାନଙ୍କୁ ଅଧିକ ଭଲ ଭାବରେ ଯତ୍ନ ନେବା ଆବଶ୍ୟକ । ମୁଁ ବିଦ୍ୟାଳୟକୁ ଫେରିଲି ଏବଂ ଅଧିକ ସହଭାଗୀପୂର୍ଣ୍ଣ ଓ ମୋ ଶିକ୍ଷକମାନଙ୍କୁ ସହାୟତା ପ୍ରଦାନ ପାଇଁ ପ୍ରତିଜ୍ଞା କଲି । ପରବର୍ତ୍ତୀ ବୈଠକରେ ଧରାବନ୍ଧା ପ୍ରଶାସନିକ ଢ଼ାଞ୍ଚାରେ କାର୍ଯ୍ୟ କରିବା ପରିବର୍ତ୍ତେ ବିଦ୍ୟାଳୟର ଉନ୍ନତି ପାଇଁ ଆମେ କ'ଣ କରିପାରିବା ବୋଲି ପଚାରିଲି । ମୁଁ ଆଶ୍ଚର୍ଯ୍ୟ ହେଲି ଯେ ସେମାନେ କେବଳ ଫଳାଫଳ ଓ ଉପସ୍ଥାନ ବିଷୟରେ ପ୍ରକାଶ କଲେ ନାହିଁ । ବାଳିକା ଶିକ୍ଷାର୍ଥୀମାନଙ୍କର ଶ୍ରେଣୀଗୃହରେ ଅଂଶଗ୍ରହଣ, ବଡ଼ ଶିକ୍ଷାର୍ଥୀମାନେ ସାନ ଶିକ୍ଷାର୍ଥୀଙ୍କ ପ୍ରତି ଦୟା ମନୋଭାବ ପ୍ରଦର୍ଶନ ଇତ୍ୟାଦି ବିଷୟରେ ବିଷୟରେ କହିଲେ ମୁଁ ପ୍ରକୃତିରେ ଏହି ସାମାଜିପକ ଦିଗଗୁଡ଼ିକ ବିଷୟରେ କେବେ ଚିନ୍ତା କରିନଥିଲି ।

ତତ୍‌ପରେ ଆମେ ସେଇ ସବୁ ଜିନିଷ ଉପରେ ଆଲୋଚନା କଲୁ ଯେଉଁଥିରେ ଉନ୍ନତି କିରହେବ, କିନ୍ତୁ ମୁଁ ଅନୁଭବ କଲି ଯେ ସେମାନଙ୍କୁ ସମାଲୋଚନା କରାଯିବା ସଂପର୍କରେ ଚିନ୍ତିତ ଥିଲି । ମୁଁ ଶିକ୍ଷକମାନଙ୍କୁ ତାଙ୍କ ଭିତରେ ଆଲୋଚନା କରି ସେମାନେ କରିବାକୁ ଚାହୁଁଥିବା କାର୍ଯ୍ୟଗୁଡ଼ିକର ତାଲିକା ଦେବାକୁ କହିଲି, ମୁଁ କରିଥିବା ଯେ କୌଣସି କାର୍ଯ୍ୟର ଦୋଷତ୍ରୁଟିକୁ ବାହାର କରିଲେ ମୁଁ ବାଧା ଦେବି ନାହିଁ ବୋଲି କହିଲି। ତା'ପରେ ମୁଁ ବ୍ୟକ୍ତିଗତ ଭାବେ ପ୍ରତିଶିକ୍ଷକଙ୍କୁ ଦେଖା କରି କଥା ହେବାକୁ ନିଷ୍ପତ୍ତି ନେଲି ଯାହା ଫଳରେ ମୁଁ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ବିଭିନ୍ନ ଦିଗ ବିଷୟରେ ଜାଣିପାରିବି ଏବଂ ବ୍ୟକ୍ତିଗତ ସ୍ତରରେ ସେମାନଙ୍କୁ ଜାଣିବି। କିଛି ଦିନ ପରେ ଆମମାନଙ୍କ ମଧ୍ୟରେ ଆଲୋଚନା ଗୁଡ଼ିକ ଅଧିକ ଖୋଲା ଓ ସାଧୁତାର ସହ ହେଲା ଏବଂ ବିଦ୍ୟାଳୟର ପରିବର୍ତ୍ତନ ପାଇଁ ଛୋଟ ଛୋଟ ପଦକ୍ଷେପ ନେଇ ମଧ୍ୟ ଆମ୍ଭେ ମିଳିତ ଭାବେ କିପରି କାର୍ଯ୍ୟ କରିବୁ ସେ ବିଷୟରେ ମୁଁ ବହୁତ ଜିନିଷ ଜାଣିବାକୁ ପାଇଲି।

### ଟିକିଏ ଚିନ୍ତା କରନ୍ତୁ

ଏହି ଘଟଣା ଅଧ୍ୟୟନ ଅନୁଶୀଳନ ଓ ମନନ କରନ୍ତୁ । ଆପଣ ଭାବୁଛନ୍ତି ଶିକ୍ଷକମାନେ ଆପଣଙ୍କ ବିଦ୍ୟାଳୟରେ କାମ କରିବାକୁ ପସନ୍ଦ କରନ୍ତି ? ସେମାନେ ଅନୁଭବ କରୁଛନ୍ତି କି ଯେ ସେମାନଙ୍କୁ ସହାୟତା ଦିଆଯାଉଛି, ଗୁରୁତ୍ୱ ଦିଆଯାଉଛି ଏବଂ ତାଙ୍କ ପାଇଁ ଚିନ୍ତା କରାଯାଇଛି। ସେମାନେ ଅନୁଭବ କରୁଛନ୍ତି କି ?

## ୬ ଆପଣ ନିଜର ଶିକ୍ଷକମାନଙ୍କ ଉପରେ ଗୁରୁତ୍ୱପ୍ରଦାନ



(ଚିତ୍ର-୨ : ଆପଣଙ୍କ ଶିକ୍ଷକ ଆପଣଙ୍କ ବୃତ୍ତିଗତ ବିକାଶର ଉଦାହରଣକୁ ଆଦର୍ଶ ଭାବେ ଅନୁସରଣ କରିବେ)

ଆପଣଙ୍କ ନିଜର ଶିକ୍ଷଣ ପ୍ରତି ମନୋବୃତ୍ତି ସିଧାସଳଖ ଭାବେ ଆପଣଙ୍କ ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶକୁ ମନୋବୃତ୍ତି ଓ ସେମାନଙ୍କର ପ୍ରଭାବିତ କରେ । ଆପଣଙ୍କ ଦକ୍ଷତାର ଅଭିବୃଦ୍ଧି ଏବଂ ପ୍ରସ୍ତୁତ ପରିବର୍ତ୍ତନ ପାଇଁ ସେମାନଙ୍କୁ ପରିବର୍ତ୍ତିତ ଓ ଅଭିବୃଦ୍ଧି ପାଇଁ ପ୍ରେରଣା ପ୍ରଦାନ କରେ । ଆପଣଙ୍କ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ହେଲେ ଆପଣଙ୍କ ଶିକ୍ଷକ ଏବଂ ସେମାନଙ୍କୁ ଯଥାସମ୍ଭବ ଶ୍ରେଷ୍ଠ ଶିକ୍ଷକ ହେବା ପାଇଁ ଆପଣ ସୁଯୋଗ ଦେବା ଆବଶ୍ୟକ । ଆପଣଙ୍କ ଏହା ଆଶା ଓ ଆକାଂକ୍ଷା ରହିବା ଆବଶ୍ୟକ ଯେ ସେମାନେ ଆପଣଙ୍କ ଠାରୁ ଅଧିକ ଭଲ ଶିକ୍ଷକ ହୋଇପାରିବେ । ନିଜ ଶିକ୍ଷକମାନଙ୍କୁ ଆଗକୁ ନେବାକୁ କିଛି ବିଦ୍ୟାଳୟ ମୁଖ୍ୟଙ୍କ କଥୋପକଥନର ଭିଡ଼ିଓ ଦେଖିବା ପାଇଁ ଇଚ୍ଛା ପ୍ରକାଶ କରିପାରନ୍ତି ।

ଭିଡ଼ିଓ : ବିଦ୍ୟାଳୟର ନେତୃତ୍ୱ – ଶିକ୍ଷକମାନଙ୍କୁ ନେତୃତ୍ୱ ଦେବା ।

ଭିଡ଼ିଓ : : ବିଦ୍ୟାଳୟର ନେତୃତ୍ୱ – ଶୈକ୍ଷିକ ପରିବେଶ

ଭିଡ଼ିଓ : ବିଦ୍ୟାଳୟର ନେତୃତ୍ୱ : ଶିକ୍ଷାଦାନ ଓ ଶିକ୍ଷଣର ନେତୃତ୍ୱ ନେବା ।

ଟେସ୍ ଇଣ୍ଡିଆର ଶିକ୍ଷକଙ୍କ ପ୍ରଗତି ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକ ଆପଣଙ୍କ ପାଇଁ ସାଧନ ଅଟନ୍ତି ଯାହା ଆପଣଙ୍କ ଶିକ୍ଷକଙ୍କୁ ନୂଆ କୌଶଳ ଶିଖିବା ଓ ବିଭିନ୍ନ ଉପାୟର ଶିକ୍ଷାଦାନକୁ ପ୍ରୟୋଗ କରିବାରେ ସାହାଯ୍ୟ କରିବ । ଏଗୁଡ଼ିକ ଶିକ୍ଷକଙ୍କୁ ଶିକ୍ଷାର୍ଥୀ ଭାବେ ଦେଖନ୍ତି । ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଏବଂ ସହକର୍ମୀମାନଙ୍କ ସହ ମିଳିତ ଭାବେ କାର୍ଯ୍ୟକରି ସେମାନେ ନିଜ ବୃତ୍ତିରେ ବିଭିନ୍ନ କୌଶଳ ଓ ସାଧନୀ ସଂପର୍କିତ ଦକ୍ଷତା ହାସଲ କରିବେ ।

ଶିକ୍ଷକ ପାଇଁ ଶିକ୍ଷଣ ଏକ ଜଟିଳ ଓ ଜୀବନ ବ୍ୟାପୀ ପ୍ରକ୍ରିୟା । ଶିକ୍ଷକଙ୍କ ଶିକ୍ଷଣ ଓ ବିକାଶ ପାଇଁ ବିଭିନ୍ନ ଢ଼ାଞ୍ଚାର ପରାମର୍ଶ ଦିଆଯାଇଛି । ଏକ ନିର୍ଦ୍ଦିଷ୍ଟ ଆଧାର ଅନୁସାରେ ଜଣେ ଦକ୍ଷ  ଶିକ୍ଷକଙ୍କର ଛଅଟି ଚିହ୍ନଟ ହୋଇଥିବା ପରିସରରେ ଜ୍ଞାନ ଥିବା ଆବଶ୍ୟକ (ସୁଲମାନ ଓ ସୁଲମାନ, ୨୦୦୭)

- ଦୂରଦୃଷ୍ଟି
- ଅଭିପ୍ରେରଣା
- ବୋଧଗମ୍ୟତା / ବୁଝାମଣା
- ଅଭ୍ୟାସ
- ମନନ / ଚିନ୍ତନ
- ଗୋଷ୍ଠୀ

ଦ୍ୱିତୀୟ ସାରଣୀରେ ଏଗୁଡ଼ିକ ତନ୍ନତନ୍ନ କରି ବିଶ୍ଳେଷଣ କରାଯାଇଛି ।

***ସାରଣୀ ୨*** *ରେ ଏକ ଦକ୍ଷ  ଶିକ୍ଷକର ଗୁଡ଼ିକ ବିଷୟରେ ମନ୍ତବ୍ୟ ମତ ଦେଇଛି ।*

| **ବୈଶିଷ୍ଟ୍ୟ / ଗୁଣାବଳୀ** | **ମନ୍ତବ୍ୟ** |
|---|---|
| ଦୂରଦୃଷ୍ଟି | ଉତ୍ତମ ଶିକ୍ଷକମାନେ କ'ଣ ହାସଲ କରିବା ପାଇଁ ଚେଷ୍ଟା କରୁଛନ୍ତି, ଶିକ୍ଷାର୍ଥୀଙ୍କ ସମ୍ବନ୍ଧରେ ସେମାନଙ୍କର ପୂର୍ବଧାରଣା, ଜ୍ଞାନ ଓ ଶିକ୍ଷଣ ବିଷୟରେ ସ୍ୱଷ୍ଟ ପରିକଳ୍ପନା ରହିବା ଉଚିତ୍ । |
| ଅଭିପ୍ରେରଣା | ଉତ୍ତମ ଶିକ୍ଷକ ଉନ୍ନତି ଓ ଅଭିବୃଦ୍ଧି କରିବା ପାଇଁ ଅଭିପ୍ରେରିତ ହେବା ଉଚିତ୍ । |
| ବୋଧଗମ୍ୟତା | ଉତ୍ତମ ଶିକ୍ଷକ, କ'ଣ କରିବାକୁ ହେବ ଓ କିପରି କରିବାକୁ ହେବ ସେ ବିଷୟରେ ଜଣେ ଭଲ ଶିକ୍ଷକ ଜାଣିବା ଆବଶ୍ୟକ । ସେମାନେ ବିଷୟ ପଢ଼ାଇବେ ଓ କିପରି ଫଳପ୍ରଦ ଭାବରେ ପଢ଼ାଯାଇ ପାରିବ ସେ ବିଷୟରେ ଜାଣିବ ଆବଶ୍ୟକ । |
| ଅଭ୍ୟାସ | ଅଭ୍ୟାସ ଏକ ଜଟିଳ ପ୍ରକିୟା ଓ ଏହାର ସମୟକ୍ରମେ ବିକାଶ ହୁଏ, ଏକଥା ସହ ଉତ୍ତମ ଶିକ୍ଷକ ପରିଚିତଥାନ୍ତି । ସେମାନେ ଜାଣିଥାନ୍ତି ଯେ ଶ୍ରେଣୀଗୃହ ଭିତରେ ଶିଖିଥିବା। ସିଦ୍ଧାନ୍ତ ଗୁଡ଼ିକୁ କିପରି କାର୍ଯ୍ୟରେ ଲଗାଯାଇପାରିବ । ବିଭିନ୍ନ ପ୍ରବିଧିଗୁଡ଼ିକୁ ବାରମ୍ବାର ଅଭ୍ୟାସ କରିବାର ଚେଷ୍ଟାର ଅନୁଭୂତିରୁ ଉତ୍ତମ ଶିକ୍ଷକମାନେ ଶିକ୍ଷା ଶିଖିବେ। |
| ମନନ / ଚିନ୍ତନ | ଉତ୍ତମ ଶିକ୍ଷକମାନେ ଚିନ୍ତା କରନ୍ତି ଯେ ସେମାନେ କ'ଣ କରୁଛନ୍ତି ଏବଂ ଅନୁଭୂତିରୁ ଶିକ୍ଷା ଲାଭ କରନ୍ତି । ଚିନ୍ତନ ବିନା, ଶିକ୍ଷକ ପରିବର୍ତ୍ତନ ଆଣିବାର ଦକ୍ଷତାର ଅଭାବ ଅନୁଭବ କରନ୍ତି । |
| ଗୋଷ୍ଠୀ | ଉତ୍ତମ ଶିକ୍ଷକ ଜାଣନ୍ତି ଯେ ସେମାନେ ହେଉଛନ୍ତି ଗୋଷ୍ଠୀର ଏକ ଅଂଶ, ଯେଉଁ ଗୋଷ୍ଠୀ କି ସମାନ ଉଦ୍ଦେଶ୍ୟ ଓ ମୂଲ୍ୟବୋଧର ପରିପ୍ରକାଶ କରେ ଏବଂ ସେମାନେ ଗୋଷ୍ଠୀର କିପରି ସହାୟତା ପାଇବେ ଏବଂ ଗୋଷ୍ଠୀକୁ କିପରି ସହାୟତା ଦେବେ ତାହା ଚିହ୍ନଟ କରନ୍ତି । |

ଟିକିଏ ଚିନ୍ତା କରନ୍ତୁ

- ଆପଣଙ୍କ ବିଦ୍ୟାୟର ଶିକ୍ଷକମାନଙ୍କ କ୍ଷେତ୍ରରେ ଜ୍ଞାନର ଏହି ପରିସର ଗୁଡ଼ିକ କିପରି ପ୍ରୟୋଗ ହେଉଛି ?
- ଶିକ୍ଷକମାନଙ୍କ ମଧ୍ୟରୁ କେତେଜଣ ଶିକ୍ଷକଙ୍କୁ ଆପଣ ଉତ୍ତମ ବୋଲି ବିବେଚନା କରୁଛନ୍ତି  ?
- ସାମଗ୍ରିକ ଭାବେ ଆପଣଙ୍କ କର୍ମଚାରୀମାନଙ୍କୁ ନିରିକ୍ଷଣ କରି ସିଦ୍ଧାନ୍ତ କରନ୍ତୁଯେ, କେଉଁ ଦିଗଗୁଡ଼ିକ ଅତ୍ୟଧିକ ଆବଶ୍ୟକ କରୁଛି ?

ଟେସ୍ ଇଣ୍ଡିଆର ମୁକ୍ତ ଶୈକ୍ଷିକ ସମ୍ବଳ ଶିକ୍ଷକଙ୍କ ଶିକ୍ଷଣର ଏ ସମସ୍ତ ଦିଗଗୁଡ଼ିକୁ ସମର୍ଥନ କରେ, ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକ ବର୍ତ୍ତମାନର ପ୍ରଚଳିତ ଧାରଣାକୁ ଆହ୍ୱାନ ଦିଏ ଏବଂ ଶିକ୍ଷକମାନଙ୍କୁ ଶ୍ରେଣୀଗୃହ ଭିତରେ ନୂତନ ପ୍ରବିଧିକୁ ନେଇ ଚେଷ୍ଟା କରିବାକୁ ଅଭିପ୍ରେରିତ କରେ । ଯେହେତୁ ଆପଣ ଜଣେ ବିଦ୍ୟାଳୟ ପ୍ରମୁଖ, ଆପଣ ବିଦ୍ୟାଳୟରେ ଆପଣଙ୍କ ଶିକ୍ଷକମାନଙ୍କୁ ଉତ୍ସାହ ପ୍ରଦାନ କରି ଓ ସେମାନଙ୍କ ପାଇଁ ଏକାଠି କାମ କରିବାକୁ ସୁଯୋଗ ସୃଷ୍ଟି କରିବା ପରି, ଏକ ସ୍ଥିତିରେ ଅଛନ୍ତି ।

## ୭ ସାରାଂଶ

ଶିକ୍ଷା କ୍ଷେତ୍ରରେ ସାମ୍ପ୍ରତିକ/ନୂତନ ପରିବର୍ତ୍ତନ ପାଇଁ ଭାରତର ବିଦ୍ୟାଳୟର ମୁଖ୍ୟମାନଙ୍କ ଉପରେ ଅତ୍ୟଧିକ ଦାୟିତ୍ୱ ନ୍ୟସ୍ତ କରିଦେଇ ପାରିଛି ସତ କିନ୍ତୁ ଆପଣ ବିଦ୍ୟାଳୟରେ ବାସ୍ତବରେ ଭିନ୍ନତା ଆଣିବା ପାଇଁ ସେମାନେ ସୁଯୋଗ ସୃଷ୍ଟି କରିଛନ୍ତି ଓ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଫଳାଫଳ ଉପରେ ଆପଣଙ୍କର ପ୍ରଭାବ ଆଣିବା ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିଛନ୍ତି । ଆପଣ ଏକ ବୃତ୍ତିରେ ଅଛନ୍ତି ଯାହାକି ପରିବର୍ତ୍ତନ ହେଉଛି । ଆପଣଙ୍କୁ କୁହାଯାଇଛି ଯେ, ଆପଣ କିଛି ଗୁଣ ଓ ଦକ୍ଷତାର ପ୍ରଦର୍ଶନ କରନ୍ତୁ ଯାହାକି ଆପଣଙ୍କ ବିଦ୍ୟାଳୟରେ କିଛି ପରିବର୍ତ୍ତନ ଆଣିବ । ଏହି ଆହ୍ୱାନକୁ ସାମ୍ନା କରିବାକୁ ସାହାଯ୍ୟ କରିବ ଟେସ୍ ଇଣ୍ଡିଆର ବିଦ୍ୟାଳୟ ନେତୃତ୍ୱର ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକ । ବିଶେଷ ଭାବରେ ଆପଣଙ୍କ ବିଦ୍ୟାଳୟରେ ଶିକ୍ଷକମାନେ ପ୍ରତ୍ୟେକ କାର୍ଯ୍ୟକୁ ଅନନ୍ୟ ଉପାୟରେ କରିବା ପାଇଁ ପ୍ରରୋଚିତ କରିବ ଏବଂ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଓ ଜାତୀୟ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଆଧାର ୨୦୦୯ ଦ୍ୱାରା ନିର୍ଦ୍ଦେଶିତ ନୂତନ ପ୍ରବିଧିକୁ ଗ୍ରହଣ କରିବାକୁ ପ୍ରରୋଚିତ କରିବ ।

ଏହି ଏକକଟି ଆପଣଙ୍କୁ ଜଣେ ସକ୍ରିୟ ଶିକ୍ଷାର୍ଥୀ ରୂପେ ଗୁରୁତ୍ୱ ଦେଇଛି ଏବଂ ଆପଣଙ୍କର ଜ୍ଞାନ ଓ ଦକ୍ଷତା ମଧ୍ୟରେ ଥିବା ଖାଲିସ୍ଥାନକୁ ପୁରଣ କରିବାକୁ ଆପଣ ଏକ ସମାଧାନ ଭିତ୍ତିକ ଧାରା ଗ୍ରହଣ କରୁଛନ୍ତି ।

ଏହି ଏକକରେ କାମ କରିବା ବେଳେ ଟେସ୍ ଇଣ୍ଡିଆ ବିଦ୍ୟାଳୟ ନେତୃତ୍ୱର ମୁକ୍ତ ଶୈକ୍ଷିକ ସମ୍ବଳକୁ ବ୍ୟବହାର କରି ଶିକ୍ଷଣ ଯୋଜନା ପ୍ରସ୍ତୁତ କରିବେ। ଆପଣ ଏହି ଯୋଜନାରେ କାମ କରିବା ଉଚିତ୍ ହେବ। ନିଜର ପ୍ରଗତିକୁ ତଦାରଖ କରିବେ ଏବଂ ଆବଶ୍ୟକ ସ୍ଥଳେ ନିଜର ସହକର୍ମୀଙ୍କ ସହ ବିଚାର ବିମର୍ଷ କରିବେ।

## ସମ୍ବଳ

### ସମ୍ବଳ-୧ : ଟେସ୍ ଇଣ୍ଡିଆ ସମ୍ବଳ ସମୂହର ସାରାଂଶ

#### ବିଦ୍ୟାଳୟ ନେତୃତ୍ୱର ମୁକ୍ତ ଶୈକ୍ଷିକ ସମ୍ବଳ (ଆପଣଙ୍କ ନିମନ୍ତେ)

ବିଦ୍ୟାଳୟ ମୁଖ୍ୟମାନଙ୍କ ପାଇଁ ୨୦ଟି ମୁକ୍ତ ଶୈକ୍ଷିକ ସମ୍ବଳ ପ୍ରସ୍ତୁତ କରାଯାଇଛି । (ପ୍ରଧାନଶିକ୍ଷକ, ଅଧକ୍ଷ, ଉପାଧକ୍ଷ ଏବଂ ଏହି ପଦବୀ ପାଇଁ ଆଶୟୀ ବ୍ୟକ୍ତିମାନଙ୍କ ପାଇଁ) । ଏହି ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକ ବିଦ୍ୟାଳୟ ମୁଖ୍ୟମାନଙ୍କ ସେମାନଙ୍କ ବିଭିନ୍ନ ଦିଗର ଭୂମିକାକୁ ସହାୟତା ଯୋଗାଇଛି। ବିଦ୍ୟାଳୟକୁ ପରିବର୍ତ୍ତନ ଓ ଉନ୍ନତି ମାଧ୍ୟମରେ ନେତୃତ୍ୱ ଦେବା ପାଇଁ ଯେଉଁ ବ୍ୟବସ୍ଥା ଓ ପ୍ରକ୍ରିୟା ଆବଶ୍ୟକ ସେଗୁଡ଼ିକୁ ସାମିଲ କରାଯାଇଛି। ବିଦ୍ୟାଳୟର ମୁଖ୍ୟମାନେ ଶିକ୍ଷନ ଶିକ୍ଷାଦାନ କ୍ଷେତ୍ରରେ ବାସ୍ତବ ପରିବର୍ତ୍ତନ ଆଣିବା ପାଇଁ ସକ୍ଷମ କରେଇବାକୁ ସେଗୁଡ଼ିକ ପ୍ରସ୍ତୁତ କରାଯାଇଛି। ସହଭାଗ ଏଗୁଡ଼ିକର ତାଳିକା ସମ୍ବଳ ୩ ରେ ପ୍ରଦାନ କରାଯାଇଛି ।

ତା ଦ୍ୱାର ଶିକ୍ଷଣକୁ ଫଳପ୍ରଦଭାବେ କିପରି ଯୋଗାଇବ ତା ଉପରେ ବିଦ୍ୟାଳୟ ଦୃଷ୍ଟି କେନ୍ଦ୍ରୀଭୂତ କରେ।

#### ମୁଖ୍ୟ ସମ୍ବଳ ସମୂହ

ଟେସ୍ ଇଣ୍ଡିଆ ମୁକ୍ତ ଶୈକ୍ଷିକ ସମ୍ବଳକୁ ସହାୟତା ପ୍ରଦାନ କରିବା ପାଇଁ ଏକ ଦଶ ସୂତ୍ରୀ ମୁଖ୍ୟ ସମ୍ବଳ ସ୍ଥାନିତ କରାଯାଇଛି। ଏହି ମୁଖ୍ୟ ସମ୍ବଳଗୁଡ଼ିକ ଯାହାକୁ ପ୍ରତି ବିଷୟ ଓ ସ୍ତରରେ ପ୍ରୟୋଗ କରିହେବ। ଏହା ଆପଣଙ୍କୁ ଓ ଆପଣଙ୍କ ଶିକ୍ଷକମାନଙ୍କୁ ମୁଖ୍ୟ ଅଭ୍ୟାସ /

କାର୍ଯ୍ୟଗୁଡ଼ିକ ପାଇଁ ଦିଗଦର୍ଶନ ଦିଏ। ଏଥିରେ ଶିକ୍ଷାର୍ଥୀମାନଙ୍କୁ ଏବଂ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ସଂଗଠନ କରିବାର ଉପାୟ ସଙ୍ଗେ ସଙ୍ଗେ ଶିକ୍ଷକ – ଶିକ୍ଷାର୍ଥୀ ଏବଂ ଶିକ୍ଷାର୍ଥୀ – ଶିକ୍ଷାର୍ଥୀ ମଧ୍ୟରେ ଭାବ ବିନିମୟର ଉପାୟଗୁଡ଼ିକ ମଧ୍ୟ ପର୍ଯ୍ୟବେସିତ । ଏହି ମୁଖ୍ୟ ସମ୍ବଳଗୁଡ଼ିକ ମୁକ୍ତ ଶୈକ୍ଷିକ ସମ୍ବଳରେ ଉପଯୁକ୍ତ ଭାବେ ସ୍ଥାନିତ କରାଯାଇଛି । ଏହା ଶିକ୍ଷକ ପ୍ରଶିକ୍ଷକ ଏବଂ ଅନ୍ୟାନ୍ୟ ବିଦ୍ୟାଳୟ ମୁଖ୍ୟମାନଙ୍କ ପାଇଁ ବ୍ୟକ୍ତିଗତ ଭାବେ ଉପଲବ୍ଧ ଯାହାକୁ ସେମାନେ ପ୍ରଶିକ୍ଷଣ ତଥା ଅନ୍ୟାନ୍ୟ ଏବଂ ସଂପର୍କିତ କାର୍ଯ୍ୟରେ ବ୍ୟବହାର କରିପାରିବେ ।

**ଦୃଶ୍ୟ-ଶ୍ରାବ୍ୟ ସାମଗ୍ରୀ**

ଏଥିରେ ମୁଖ୍ୟ ସମ୍ବଳ ସହ ସଂପର୍କିତ ଭିଡ଼ିଓ କ୍ଲିପ୍ ସ୍ଥାନିତ କରାଯାଇଛି ଯେଉଁଥିରେ ମୁଖ୍ୟ ଶ୍ରେଣୀଗୃହ ପରିଚାଳନା କୌଶଳକୁ ଅଧିକ ବିସ୍ତୃତ ଭାବେ ପ୍ରଦର୍ଶନ କରାଯାଇଛି । ଏହି କ୍ଲିପ୍ ଗୁଡ଼ିକରେ ଭାରତର ବିଭିନ୍ନ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ସହଭାଗୀ ଶିକ୍ଷଣ ପ୍ରକ୍ରିୟାର ଅଭ୍ୟାସ ଦେଖିବାକୁ ପାଇବେ ଏବଂ ଦର୍ଶକମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ଓ ବ୍ୟବହାରଗୁଡ଼ିକୁ ଜାଣିବାରେ ସହାୟତା ପ୍ରଦାନ କରାଯାଇଛି । ଭିଡ଼ିଓ କ୍ଲିପ୍ ଗୁଡ଼ିକ ହିନ୍ଦି ଭାଷାରେ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏହାର ଧ୍ୱନିକୁ ଅନ୍ୟାନ୍ୟ ରାଜ୍ୟର ଆଞ୍ଚଳିକ ଭାଷାରେ ଅନୁବାଦ କରାଯାଇଛି।

ଉକ୍ତ ଶୈକ୍ଷିକ ସମ୍ବଳରେ ଏଗୁଡ଼ିକ ଆବଶ୍ୟକୀୟ ସ୍ଥାନରେ ଭିର୍ତ୍ତି କରାଯାଇଛି ଯେଉଁଗୁଡ଼ିକ ଏକ ସଙ୍କେତ ମାଧ୍ୟମରେ ଚିହ୍ନିତ ହୋଇଛି ଏବଂ ଇଣ୍ଟରନେଟ୍‌ରେ ମଧ୍ୟ ଏହା ବ୍ୟବହାରକାରୀଙ୍କ ଉପଲବ୍ଧ ବ୍ୟବହାରକାରୀ ଏହାକୁ ଡାଇନ୍‌ଲୋଡ୍ କରି ନିଜ କମ୍ପ୍ୟୁଟର, ଡିଭିଡ଼ି, ଏସ୍‌ଡ଼ି କାର୍ଡ଼ ଓ ମୋବାଇଲ୍‌ରେ ବ୍ୟବହାର କରିପାରିବେ ।

ଶିକ୍ଷକ ବିକାଶ ମୁକ୍ତ ଶୈକ୍ଷିକ ସମ୍ବଳ (ଆପଣଙ୍କର ଶିକ୍ଷକମାନଙ୍କ ନିମନ୍ତେ)

ପ୍ରାଥମିକ ସ୍ତରରେ ଚାରିଟି ବିଷୟରେ ୬୦ଟି ମୁକ୍ତ ଶୈକ୍ଷିକ ସମୃଦ୍ଧ ଅଛି। ୧୫ଟି ଲେଖାଁ ଭାଷା ଓ ସାକ୍ଷରତା ପ୍ରାଥମିକ ଇଂରାଜୀ, ପ୍ରାଥମିକ ଗଣିତ ଏବଂ ପ୍ରାଥମିକ ବିଜ୍ଞାନ । ଏହି ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକରେ ଶିକ୍ଷକ ଏବଂ ଶିକ୍ଷକ ପ୍ରଶିକ୍ଷକମାନଙ୍କ ଉଦ୍ଦିଷ୍ଟ ଏବଂ ଶିକ୍ଷକମାନଙ୍କ ପାଇଁ ଶ୍ରେଣୀଗୃହରେ ପ୍ରୟୋଗ ଯୋଗ୍ୟ ବାସ୍ତବ ଉପାୟ ଗୁଡ଼ିକ ଅର୍ନ୍ତଭୁକ୍ତ କରାଯାଇଛି ।

## ସମ୍ବଳ-୨ : ନେତୃତ୍ୱ ଦକ୍ଷତାର ସମୀକ୍ଷା

***ସାରଣୀ : ସ ୨.୧*** *ନେତୃତ୍ୱ ଦକ୍ଷତାର ସମୀକ୍ଷା (ମେକ୍ ବିଧ୍ ଓ ମିୟର୍ସ ୧୯୯୯ରୁ ଗ୍ରହଣ କରାଯାଇଛି)*

| ନେତୃତ୍ୱର ଦକ୍ଷତାଗୁଡ଼ିକ | | ଆପଣ ନିଜକୁ ନିଜେ କିପରି ମୂଲ୍ୟାୟନ କରିବେ (କୋଠରୀରେ (✓) ଠିକ୍ ଚିହ୍ନ ଦିଅନ୍ତୁ) | | | କେଉଁ ପରିସ୍ଥିତିରେ ଆପଣ ଶେଷ ଯାଏଁ କାମ ଏହି କରିଥିଲେ ? |
|---|---|---|---|---|---|
| ଅନ୍ୟମାନଙ୍କ ସହମିଶି କାମ କରିବା | ଅନ୍ୟମାନଙ୍କୁ ସହାୟତା ଦେବା | ଉଚ୍ଚମାତ୍ରାରେ ପାରଦର୍ଶୀ | ଆବଶ୍ୟକ ମାତ୍ରାରେ ପାରଦର୍ଶୀ | ଜମାନୁହେଁ | |
| | ବ୍ୟକ୍ତିଗତ ଉଦ୍ୟମକୁ ସ୍ୱିକୃତି | | | | |
| | ଅନ୍ୟମାନଙ୍କ ଆତ୍ମ ପ୍ରତ୍ୟୟକୁ ସମ୍ମାନ | | | | |
| | ଅନ୍ୟମାନଙ୍କର ବିକାଶ ଓ | | | | |

| | | | | | |
|---|---|---|---|---|---|
| | ଚିନ୍ତନ କରିବା ପାଇଁ ସୁଯୋଗ ଦେଇ ଅନ୍ୟ ମାନଙ୍କର ବିକାଶ କରିବା | | | | |
| | ଉଦ୍‌ବେଗକୁ କମ୍ କରିବା | | | | |
| ଜଣେ ସମ୍ବେଦନ ଶୀଳ ଓ ଭାବନାତ୍ମକ ଶ୍ରୋତା ହେବା | ନ୍ୟାୟ କରିବା ପୂର୍ବରୁ ସବୁ ଶୁଣିବା ଓ ବୁଝିବାକୁ ଚେଷ୍ଟା କରିବା | | | | |
| | ବ୍ୟକ୍ତିଗତ ଧାରଣା ଓ ସମସ୍ୟାକୁ ଶୁଣିବା | | | | |
| | ମତାମତ ଦେବା ପାଇଁ ପ୍ରେରଣା ଦେବା | | | | |
| ଅନ୍ୟକୁ କ୍ଷମତାଶାଳୀ କରିବା | ଅନ୍ୟମାନଙ୍କୁ ନିଷ୍ପତ୍ତି ଓ ଦାୟିତ୍ୱ ନେବା ପାଇଁ କ୍ଷମତା ପ୍ରଦାନ କରିବା | | | | |
| ଆଦର୍ଶ ବ୍ୟବହାର | ସମସ୍ତଙ୍କର ବ୍ୟକ୍ତିଗତ ଭାବେ ସାଧୁତା ପ୍ରଦର୍ଶନ | | | | |
| | ଆପଣ ଆଶାକରୁ ଥିବା ଆଦର୍ଶ ମନୋବୃତ୍ତି ଓ ମୂଲ୍ୟବୋଧର ଉନ୍ନତି | | | | |
| | ପ୍ରବଳ ଆଗ୍ରହ ଦେଖାଇବା | | | | |
| ନିଷ୍ପତ୍ତି ନେବା | ସ୍ପଷ୍ଟ ପରିକଳ୍ପନା ଓ ଦିଗ୍‌ଦର୍ଶନ ଦେବା | | | | |
| | ନିଷ୍ପତ୍ତି ନେବା | | | | |
| | ମୁଖ୍ୟ ସମସ୍ୟା ଗୁଡ଼ିକୁ ବୁଝିବା ପାଇଁ ପ୍ରୋତ୍ସାହନ ଦେବା | | | | |
| ପରିବର୍ତ୍ତନକୁ ପରିଚାଳନା କରିବା | ନୂତନ ଚିନ୍ତାଧାରାରେ କାମ କରିବା ପାଇଁ ଉତ୍ସାହିତ କରିବା | | | | |
| | ଭବିଷ୍ୟତରେ ଆଶା | | | | |

| | | | | | |
|---|---|---|---|---|---|
| | କରୁଥିବା ସମ୍ଭାବ୍ୟ ସମସ୍ୟା | | | | |
| | ଭୁଲକୁ ଶିଖିବାର ସୁଯୋଗ ବୋଲି ଭାବିବା | | | | |
| ଦଳଗତ କାର୍ଯ୍ୟକୁ ଉତ୍ସାହିତ କରିବା | ସମସ୍ତଙ୍କୁ ଭାବେ ଦଳଗତ କାମରେ ସାମିଲ କରି ଉତ୍ସାହିତ କରିବା | | | | |

## ସମ୍ବଳ ୩.୧ : ଟେସ୍-ଇଣ୍ଡିଆ ବିଦ୍ୟାଳୟ ନେତୃତ୍ୱର ମୁକ୍ତ ଶୈକ୍ଷିକ ସମ୍ବଳର ଶିକ୍ଷଣ ଫଳାଫଳ

| ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ ମୁଖ୍ୟ ପରିସର | ମୁକ୍ତ ଶୈକ୍ଷିକ ସମ୍ବଳ ଶିରୋନାମା | ଶିକ୍ଷଣ ଫଳାଫଳ |
|---|---|---|
| ଅଭିମୁଖୀ କରଣ | ପ୍ରାଥମିକ ବିଦ୍ୟାଳୟର ମୁଖ୍ୟମାନେ ଜଣେ ଲେଖାଏଁ ସାମର୍ଥ୍ୟକାରୀ | • ଆପଣ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା କୌଶଳ ସମୀକ୍ଷା ଏବଂ ଉନ୍ନତି କରିବାର ପରିସରକୁ ଚିହ୍ନଟ<br>• ଟେସ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ପାଠ୍ୟର ବ୍ୟବହାର କରି ନିଜର ନେତୃତ୍ୱ ନେବାର କୌଶଳକୁ ବୃଦ୍ଧି କରିବା<br>• ଆପଣଙ୍କ ବିଦ୍ୟାଳୟରେ ସାମର୍ଥ୍ୟକାରୀ କହିଲେ କ'ଣ ବୁଝନ୍ତି ? |
| | ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟମାନେ ଜଣେ ଲେଖାଏଁ ସାମର୍ଥ୍ୟକାରୀ | • ଆପଣ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା କୌଶଳ ସମୀକ୍ଷା ଏବଂ ଉନ୍ନତି କରିବାର ପରିସରକୁ ଚିହ୍ନଟ<br>• ଟେସ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ପାଠ୍ୟର ବ୍ୟବହାର କରି ନିଜର ନେତୃତ୍ୱ ନେବାର କୌଶଳକୁ ବୃଦ୍ଧି କରିବା<br>ଆପଣଙ୍କ ବିଦ୍ୟାଳୟରେ ସାମର୍ଥ୍ୟକାରୀ କହିଲେ କ'ଣ ବୁଝନ୍ତି ? |
| ନେତୃତ୍ୱ ପରିସର | ଆପଣଙ୍କ ବିଦ୍ୟାଳୟ ପାଇଁ ପରିକଳ୍ପନା | • ବିଦ୍ୟାଳୟ ପରିକଳ୍ପନା ବିଦ୍ୟାଳୟର ଉନ୍ନତିକରଣ ପାଇଁ ଦୈନିକ କାର୍ଯ୍ୟକୁ ସୂଚିତ କରିଥାଏ ।<br>• ଆପଣଙ୍କ ବିଦ୍ୟାଳୟର ପରିକଳ୍ପନା କିପରି ଭାବରେ କରିବେ ।<br>• ପରିକଳ୍ପନାର ପ୍ରସ୍ତୁତି ଓ କାର୍ଯ୍ୟକାରୀରେ ଅନ୍ୟମାନଙ୍କୁ କିପରି ଭାବରେ ସାମିଲ କରିବେ ଯାହା ଶିକ୍ଷାର୍ଥୀଙ୍କ ପାଇଁ ଭିନ୍ନ ହେବ । |
| | ବିଦ୍ୟାଳୟର ନିଜସ୍ୱ ସମୀକ୍ଷା ପାଇଁ ନେତୃତ୍ୱ ଦେବା | • ବିଦ୍ୟାଳୟ ନିଜସ୍ୱ ସମୀକ୍ଷାର ଉପକାରୀତା ଓ ସମସ୍ୟା<br>• ବିଦ୍ୟାଳୟ ନିଜସ୍ୱ ସମୀକ୍ଷାର ସ୍ୱରୂପ ଓ ଆତ୍ମସମୀକ୍ଷାର ଚକ୍ର |

| | | |
|---|---|---|
| | | • ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟର କିଭଳି ଭାବେ ବ୍ୟବହାର ହେବ । |
| | ବିଦ୍ୟାଳୟ ବିକାଶ ଯୋଜନାକୁ ନେତୃତ୍ୱ ଦେବା। | • ଫଳପ୍ରଦ ବିଦ୍ୟାଳୟ ଯୋଜନା ପ୍ରକ୍ରିୟା ମୁଖ୍ୟ ଲକ୍ଷଣ / ବୈଶିଷ୍ଟ୍ୟ<br>• ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ ବ୍ୟାପକ ଭାବେ ଯୋଜନା ପ୍ରସ୍ତୁତ କରିବା<br>• ବିଦ୍ୟାଳୟ ବିକାଶ ଯୋଜନାରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅନ୍ୟାନ୍ୟ ସଦସ୍ୟଙ୍କ ସଂପୃକ୍ତ କରିବା ।<br>• ଫଳପ୍ରଦ ବିଦ୍ୟାଳୟ ବିକାଶ ଯୋଜନା ଲେଖିବା ଯାହାକି ଶିକ୍ଷାର୍ଥୀଙ୍କ ଫଳାଫଳରେ ଭିନ୍ନତା ଦେଖାଯିବ । |

| | | |
|---|---|---|
| ବିବିଧତା – ୧ର ତଥ୍ୟକୁ ବ୍ୟବହାର କରି ବିଦ୍ୟାଳୟରେ ଉନ୍ନତୀକରଣ | • ବିବିଧତା – ୧ ନିଶ୍ଚିତ କରେ ଯେ ସମସ୍ତ ଶିକ୍ଷାର୍ଥୀ ପ୍ରତି ବର୍ଷ ସର୍ବାଧିକ ଶିକ୍ଷଣ ପାଇବେ। ସେଥି ପାଇଁ ତାହା ଗୁରୁତ୍ୱପୂର୍ଣ୍ଣ ଅଟେ।<br>• ବିଭିନ୍ନ ପ୍ରକାରର ତଥ୍ୟ ସଂଗ୍ରହ କରାଯାଏ । ଏହାଦ୍ୱାରା ବିଦ୍ୟାଳୟରେ ବିବିଧତା ସମ୍ପର୍କିତ ସମସ୍ୟାଗୁଡ଼ିକୁ ବୁଝି ହୁଏ ।<br>• ସଂଗୃହିତ ତଥ୍ୟକୁ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣରେ ଉନ୍ନତି ଆଣିବା ପାଇଁ ବ୍ୟବହାର କରିବା ଓ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବା ।<br>• ବିବିଧତା ସମ୍ପର୍କିତ ତଥ୍ୟକୁ ଗୋଷ୍ଠୀ ଓ ଶିକ୍ଷକ ଉଭୟେ ମିଶି ବିଶ୍ଳେଷଣ କରିବାରେ ନେତୃତ୍ୱ ଦେବା । | |
| ପରିବର୍ତ୍ତନ ପାଇଁ ନେତୃତ୍ୱ ନେବା ଓ ନିଜ ବିଦ୍ୟାଳୟ ଯୋଜନା କରିବା | • ବିଦ୍ୟାଳୟ ଭିତରେ ପରିବର୍ତ୍ତନ ପାଇଁ ବାହ୍ୟ ଓ ଆଭ୍ୟନ୍ତରୀଣ ପରିଚାଳକଙ୍କ ଚିହ୍ନଟ କରିବା ।<br>• ପରିବର୍ତ୍ତନକୁ କାର୍ଯ୍ୟକାରୀ କଲାବେଳେ ଦେଖା ଯାଉଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ।<br>• ଆପଣଙ୍କ ବିଦ୍ୟାଳୟରେ ପରିବର୍ତ୍ତନ ପାଇଁ ଯୋଜନା କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବା ।<br>• ପରିବର୍ତ୍ତନ ପ୍ରକଳ୍ପ ନେତୃତ୍ୱର ଉଦାହରଣ ସୃଷ୍ଟି କରିବା, ଅନ୍ୟମାନଙ୍କୁ ପ୍ରେରଣା ଓ ଉତ୍ସାହିତ କରିବେ। | |
| | ବିଦ୍ୟାଳୟରେ ପରିବର୍ତ୍ତନକୁ କାର୍ଯ୍ୟକାରୀ କରାଇବା | • ପରିବର୍ତ୍ତନ ପ୍ରକ୍ରିୟାର ସ୍ୱରୂପ ଓ ଲୋକମାନେ ଏଥିପାଇଁ କିପରି ଭାବରେ ପ୍ରତିକ୍ରିୟା ରଖନ୍ତି ।<br>• ପରିବର୍ତ୍ତନର କେତେକ ମୁଖ୍ୟ ସିଦ୍ଧାନ୍ତ ଓ ବିଦ୍ୟାଳୟରେ ତା'ର ପ୍ରାସଙ୍ଗିକତା<br>• ଅନ୍ୟମାନଙ୍କ ଦ୍ୱାରା କିପରି ପରିବର୍ତ୍ତନ ପାଇଁ କାର୍ଯ୍ୟକରିବା |
| ନିଜର ବିକାଶ କରିବା ଓ ନିଜକୁ ପରିଚାଳିତ କରିବା | ନିଜର ବିକାଶ ସହ ପରିଚାଳିତ କରିବା | • କାମଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସଜାଡ଼ିବା, ଅନ୍ୟକୁ ହସ୍ତାନ୍ତର କରିବା ଏବଂ ସମୟର ସର୍ବାଧିକ ବିନିଯୋଗ କରିବା<br>• ନିଜର ଓ ବୃତ୍ତିଗତ ବିକାଶ ପାଇଁ ଯୋଜନା କରିବା<br>• ନିର୍ଦ୍ଦିଷ୍ଟ ମାପଯୋଗ୍ୟ ହାସଲଯୋଗ୍ୟ ବାସ୍ତବ ଓ ସମୟକୁ ଧ୍ୟାନରେ ରଖି ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିବା । |
| ଶିକ୍ଷାଦାନ ଶିକ୍ଷଣ | ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ଶିକ୍ଷଣ | • ଶିକ୍ଷା ବିଜ୍ଞାନ ସହିତ ପରିଚିତ ହେବା ସହ ଟେସ୍-ଇଣ୍ଡିଆର ଗଠନ ପ୍ରାଣାଳୀ ସହିତ ମଧ୍ୟ ପରିଚିତ ହେବା । |

| | | |
|---|---|---|
| ପ୍ରକ୍ରିୟାକୁ ରୂପାନ୍ତିରତ କରିବ | କ୍ଷେତ୍ରରେ ପରିବର୍ତ୍ତନ ପାଇଁ ନେତୃତ୍ୱ ଦେବା | • ଆପଣଙ୍କ ବିଦ୍ୟାଳୟରେ ଏହି ସାମଗ୍ରୀର ବ୍ୟବହାର କରିବା ସାମର୍ଥ୍ୟକୁ ପ୍ରଶଂସା କରିବା ।<br>• ଶିକ୍ଷାର୍ଥୀମାନେ ଶିକ୍ଷଣରେ ଅଧିକ ଅଂଶଗ୍ରହଣର ଆପଣଙ୍କ ବିଦ୍ୟାଳୟରେ ମୁଖ୍ୟ ବିନ୍ଦୁକୁ ଚିହ୍ନଟ କରନ୍ତୁ ଯାହା ଫଳରେ କରିବେ ।<br>• ଶିକ୍ଷାଦାନ ଶିକ୍ଷଣ କ୍ଷେତ୍ରରେ ଉନ୍ନତିକୁ କିପରି ଭାବରେ ବଜାୟ ରଖିବେ । |
| ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେକୁ ରୂପାନ୍ତରିତ କରିବା | ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ ଶିକ୍ଷଣରେ ଉନ୍ନତି ପାଇଁ ନେତୃତ୍ୱ ଦେବ । | • ଶିକ୍ଷା ବିଜ୍ଞାନ ସହିତ ପରିଚିତ ହେବା ସହ ଟେସ୍-ଇଣ୍ଡିଆର ଗଠନ ପ୍ରାଣାଳୀ ସହିତ ମଧ୍ୟ ପରିଚିତ ହେବା ।<br>• ଆପଣଙ୍କ ବିଦ୍ୟାଳୟରେ ଏହି ସାମଗ୍ରୀର ବ୍ୟବହାର କରିବା ସାମର୍ଥ୍ୟକୁ ପ୍ରଶଂସା କରିବା ।<br>• ଶିକ୍ଷାର୍ଥୀମାନେ ଶିକ୍ଷଣରେ ଅଧିକ ଅଂଶଗ୍ରହଣର ଆପଣଙ୍କ ବିଦ୍ୟାଳୟରେ ମୁଖ୍ୟ ବିନ୍ଦୁକୁ ଚିହ୍ନଟ କରନ୍ତୁ ଯାହା ଫଳରେ କରିବେ ।<br>ଶିକ୍ଷାଦାନ ଶିକ୍ଷଣ କ୍ଷେତ୍ରରେ ଉନ୍ନତିକୁ କିପରି ଭାବରେ ବଜାୟ ରଖିବେ । |
| | ଶିକ୍ଷକମାନଙ୍କୁ କାର୍ଯ୍ୟସମ୍ପାଦନରେ ସହାୟତା ପ୍ରଦାନ | • ଶିକ୍ଷକମାନଙ୍କର କାର୍ଯ୍ୟକୁ ଆକଳନ କରିବା<br>• ବ୍ୟକ୍ତିଗତ ଶିକ୍ଷକଙ୍କର କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ଯୋଜନା କରିବା<br>• କାର୍ଯ୍ୟ ସମ୍ପାଦନ ବାବଦରେ ଶିକ୍ଷକମାନଙ୍କ ସହ ମିଶି କିପରି ଗଠନମୂଳକ ବୈଠକ କରିବେ ସେ ସମ୍ପର୍କରେ କିଛି ଧାରଣା ।<br>• ଶିକ୍ଷକମାନଙ୍କ କାର୍ଯ୍ୟକୁ ପରିଚାଳନା କରିବା ପାଇଁ କେତେକ ଧାରଣାକୁ ବ୍ୟବହାର କରିବା |
| | ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ ନେତୃତ ଦେବ । | • ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶ କିପରି ଭାବରେ ବିଦ୍ୟାଳୟ ଓ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ପ୍ରଭାବ ପକେଇଥାଏ ।<br>• ଆପଣଙ୍କ ଶିକ୍ଷକମାନଙ୍କୁ ସେମାନଙ୍କର ବୃତ୍ତିଗତ ବିକାଶର ଆବଶ୍ୟକତାକୁ ଆକଳନ କରିବା ପାଇଁ କେତେକ ଧାରଣା ସାହାଯ୍ୟ କରିବ ।<br>• ଯୋଜନା ଓ ତଦାରଖ କରି ପ୍ରତ୍ୟେକ ଶିକ୍ଷମାନଙ୍କର ବୃତ୍ତିଗତ ବିକାଶକୁ ପାଇଁ ସମର୍ଥ କରିବ । |
| | ତଦାରଖ କରିବା ଓ ଅନୁଶିକ୍ଷତା | • ତଦାରଖ ଓ ଅନୁଶିକ୍ଷଣ ମଧ୍ୟରେ ଥିବା ତଫାତ୍ ବାରିବା ଏବଂ କର୍ମଚାରୀମାନଙ୍କ ଶିକ୍ଷଣରେ ଦୁଇଟିଯାକକୁ କରିବା ଓ ସହାୟତା ଦେବା ।<br>• ଆପଣଙ୍କ ବିଦ୍ୟାଳୟର ଶିକ୍ଷାଦାନ - ଶିକ୍ଷଣ କ୍ଷେତ୍ରରେ ଉନ୍ନତି ପାଇଁ ସହକର୍ମୀମାନଙ୍କ ସହ କଥାବାର୍ତ୍ତା କରିବା ।<br>• ସହମତି ପ୍ରକାଶ କରିଥିବା ଫଳାଫଳ ପାଇଁ ଯୋଜନା କରି ଅନୁଶିକ୍ଷଣ ଓ ତଦାରଖ କରିବା ଅଧିବେଶନ ପରିଚାଳନା କରିବା ।<br>• ସହମତି କରିଥିବା ଫଳାଫଳ ପାଇଁ ଯୋଜନା କରି ଅନୁଶିକ୍ଷଣ ଓ ଯାଞ୍ଚ କରିବା ଅଧିବେଶନ ପରିଚାଳନା କରିବା ।<br>• ଆପଣଙ୍କ ବିଦ୍ୟାଳୟରେ ଅନୁଶିକ୍ଷଣ ସଂସ୍କୃତିର ଉପକାର ବିଷୟରେ ବିଚାର କରିବା । |

| | | |
|---|---|---|
| ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ପରିବର୍ତ୍ତନ | ନିଜ ବିଦ୍ୟାଳୟରେ ଫଳପ୍ରଦ ଶିକ୍ଷଣ ସଂସ୍କୃତିର ବିକାଶ | • ବିଦ୍ୟାଳୟର ସଂସ୍କୃତି କ'ଣ ଓ ଏହା କିପରି ଭାବରେ ଶିକ୍ଷଣକୁ ପ୍ରଭାବିତ କରେ ।<br>• ନିଜ ବିଦ୍ୟାଳୟର ସଂସ୍କୃତିକୁ ଚିହ୍ନିବା ଆରମ୍ଭ କରିବା<br>• ଶିକ୍ଷଣ ପାଇଁ ନିଜ ବିଦ୍ୟାଳୟରେ କେତେକ ସକରାତ୍ମକ କୌଶଳର ବିକାଶ କରିବା । |
| | ସମନ୍ୱିତ ଶିକ୍ଷାର ବିକାଶ | • ସହକର୍ମୀମାନଙ୍କ ସହ ବିବିଧତା, ସମତା ଓ ସମନ୍ୱୟ ଶିକ୍ଷାର ବୁଝାମଣା<br>• ଶିକ୍ଷାର୍ଥୀଙ୍କ ଶିକ୍ଷଣ ଫଳାଫଳରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସଜାଡ଼ିବା |
| | | • ସମସ୍ତଙ୍କ ସହ ମିଶି ଅବହେଳିତ ଓ ବହିଷ୍କାର ହୋଇଥିବା ଶିକ୍ଷାର୍ଥୀଙ୍କ ସମସ୍ୟା ପାଇଁ ଯୋଜନା ପ୍ରସ୍ତୁତି କରି କାର୍ଯ୍ୟ କରିବା ।<br>• ଆପଣଙ୍କ ହସ୍ତକ୍ଷେପ ପରେ କ'ଣ ପ୍ରଭାବ ପକେଇଛି ଜାଣିବା ପାଇଁ ମୂଲ୍ୟାୟନ କରିବା । |
| | ଶିକ୍ଷାର୍ଥୀଙ୍କ ଫଳପ୍ରଦ ଶିକ୍ଷଣ ପାଇଁ ସମ୍ବଳଗୁଡ଼ିକର ପରିଚାଳନା | • ବିଦ୍ୟାଳୟ ଭିତରେ ଓ ବାହାରେ ବ୍ୟାପକ ଭାବରେ ଉପଲବ୍ଧ ଥିବା ସମ୍ବଳଗୁଡ଼ିକୁ ବୁଝିବା ।<br>• ବିଦ୍ୟାଳୟ ଭିତରେ ଥିବା ବିଭିନ୍ନ ସମ୍ବଳ ମଧ୍ୟରୁ ଯେଉଁଗୁଡ଼ିକ ମୁଖ୍ୟତଃ ବ୍ୟବହୃତ ହେଉନାହିଁ ସେଗୁଡ଼ିକୁ ଚିହ୍ନଟ କରିବା ।<br>• ସହକର୍ମୀମାନଙ୍କୁ ନିୟୋଜିତ କରି ନିଶ୍ଚିତ କରିବା ଯେ ଶିକ୍ଷଣ ପାଇଁ ସମ୍ବଳଗୁଡ଼ିକ ଉପଯୁକ୍ତ ଓ ଫଳପ୍ରଦ ଭାବେ ବ୍ୟବହୃତ ହେଉଛି ।<br>• ଆପଣଙ୍କ ବିଦ୍ୟାଳୟରେ ସମ୍ବଳଗୁଡ଼ିକର ଫଳପ୍ରଦ ବ୍ୟବହାର ପାଇଁ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବା । |
| | ନିଜ ବିଦ୍ୟାଳୟରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ପାଇଁ ନେତୃତ୍ୱ ଦେବା | • ଆପଣଙ୍କ ବିଦ୍ୟାଳୟରେ ଯେତେ ପ୍ରକାରର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇପାରେ ସେଗୁଡ଼ିକ ପାଇଁ ଅର୍ନ୍ତଦୃଷ୍ଟିର ଆବଶ୍ୟକତା ଅଛି ।<br>• ବିଦ୍ୟାଳୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସୃଜନାତ୍ମକ ବ୍ୟବହାର<br>• ନିଜ ଶିକ୍ଷଣକୁ ସହାୟତା ନେବା ପାଇଁ ଇଣ୍ଟରନେଟ୍‌ର ବ୍ୟବହାର<br>• ଶିକ୍ଷକମାନଙ୍କୁ ଶ୍ରେଣୀରେ ଓ ନିଜର ଶିକ୍ଷଣ ପାଇଁ ଇଣ୍ଟରନେଟ୍‌କୁ ବ୍ୟବହାର କରିବାକୁ ସହାୟତା ପ୍ରଦାନ |
| ଭାଗୀଦାରୀ ନେତୃତ୍ୱ | ଗୋଷ୍ଠୀ ଓ ଅଭିଭାବକଙ୍କ ସହ ନିୟୋଜିତ ହେବା | • ରାଜ୍ୟରେ ଥିବା ମୁଖ୍ୟ ଅନୁଷ୍ଠାମାନଙ୍କ ସହ ଫଳପ୍ରଦ ସମ୍ପର୍କ ଗଠନ କରିବା ।<br>• ଅନ୍ୟ ବିଦ୍ୟାଳୟ ଓ ବେସରକାରୀ ସଂସ୍ଥା ସହ ମିଶି ଏକାଠି କାମ କରିବା ।<br>• ଗୋଷ୍ଠୀର ସଂଗଠନ ବିଶେଷ ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସହ ସୁନ୍ଦର ଭାବେ ମିଶିବ ।<br>• ଶିକ୍ଷାର୍ଥୀଙ୍କ ଶିକ୍ଷଣର ଉନ୍ନତି ଆଣିବା ପାଇଁ ସୁନ୍ଦର ଭାବରେ ଅଭିଭାବକଙ୍କ ସହ ମିଶିବ । |

## ସମ୍ବଳ-୪ ଆପଣଙ୍କ ଶିକ୍ଷଣ ଯୋଜନା

***ସାରଣୀ –୪.୧*** *ଶିକ୍ଷଣ ଯୋଜନା*

| ଆଗାମୀ ଶିକ୍ଷା ବର୍ଷ ପାଇଁ ପ୍ରାଥମିକତା ଓ ପ୍ରତିବଦ୍ଧତା (ପାଠ୍ୟକ୍ରମ, ନୂଆ ପଦକ୍ଷେପ, ଯାହା ଆପଣ ନେଇଛନ୍ତି ଓ ହାସଲ କରିବାକୁ ଚାହାନ୍ତି, ବିଦ୍ୟାଳୟର ସ୍ୱସମୀକ୍ଷା ବା ବିକାଶ ଯୋଜନା ଇତ୍ୟାଦି। |
|---|
| |

| ଆଗାମୀ ୩ ମାସରେ ଅଧ୍ୟୟନ କରିବାକୁ ଥିବା ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ |
|---|
| ୧.<br>୨.<br>୩. |

| ଆଗାମୀ ବର୍ଷରେ ଅଧ୍ୟୟନ କରିବାକୁ ଥିବା ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ |
|---|
| ୧.<br>୨.<br>୩.<br>୪.<br>୫. |

| ମୁଁ ଏସବୁ ଅଧ୍ୟୟନ ପାଇଁ କିପରି ସମୟ ବାହାର କରୁଛି ? |
|---|
| |

| ମୁଁ ଯୋଜନା ଦିଗରେ କ'ଣ ସବୁ ପାଇଛି ? |
|---|
| |

| ମୁଁ ମୋ ଯୋଜନାରେ ଥିବା ପ୍ରତିବନ୍ଧକ କିପରି ଦୂର କରିବି ? |
|---|
| |

| ମୁଁ ଏହି ଏକକକୁ କିପରି ମୋ ପାଇଁ ଉପଯୋଗ କରିବି ? |
|---|
| |

| ମୁଁ ଜଣେ ଅଧ୍ୟୟନ-ସହଯୋଗୀ ବା ଦିଗଦର୍ଶକ ପାଇବା ପାଇଁ କ'ଣ କରିବି ଯେପରି ମୋ ଶିକ୍ଷଣ ଏବଂ ପ୍ରୟୋଗ ପାଇଁ ସାହାଯ୍ୟ କରିବ ? ମୁଁ କେତେ ଥର ତାଙ୍କ ସହ ଆଲୋଚନା କରିବି ? |
|---|
| |

| ମୁଁ ମୋର ଶିକ୍ଷଣକୁ କିପରି ମୂଲ୍ୟାୟନ କରିବି ? |
|---|
| |

## Additional resources

- National Centre for School Leadership: http://www.nuepa.org/ncsl.html

## References/bibliography

Bruner, J. (1996)*The Culture of Education*. London: Harvard University Press.

Gardner, H. (1997) *Leading Minds: An Autonomyof Leadership*. London: HarperCollins.

Lave, J. and Wenger, E. (1991)*Situated Learning: Legitimate Peripheral Participation*.New York, NY: Cambridge University Press.

MacBeath, J. (1998) *Effective School Leadership: Responding to Change*. London: Paul Collins.

MacBeath, J. and Myers, K.(1999) *Effective School Leaders: How to Evaluate and Improve Your Practice*. Harlow: Pearson.

Shulman, L.S. and Shulman, J.H. (2007) 'How and what teachers learn: a shifting perspective', *Journal of Curriculum Studies*,vol. 36, no. 2, pp. 257–71. Available from: http://www.peaunesco.com.br/encontro2013/SHULMAN_How%20and%20What%20Teachers%20Learn_(JrCurriculumStudies_2004).pdf (accessed 27 January 2015).

Tyagi, R.S. (2011) *Academic Supervision in Secondary Schools: School-based Approach for Quality Management*. New Delhi: NUPEA.

Wenger, E. (1998)*Communities of Practice: Learning, Meaning and Identity*. New York, NY: Cambridge University Press.

## Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESS-India project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Table 1: adapted from: Gardner, H. (1997) *Leading Minds: An Autonomy of Leadership*. London: HarperCollins.

Table 2: adapted from Shulman, L.S. and Shulman, J.H. (2007) 'How and what teachers learn: a shifting perspective', *Journal of Curriculum Studies*, vol. 36, no. 2, pp. 257–71.

Table R2.1: adapted from: MacBeath, J. and Myers, K. (1999) *Effective School Leaders: How to Evaluate and Improve Your Practice*. Harlow: Pearson.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.